ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 30 | 23 - 29 July 2023 | Sambalpur | Page- 8 | Invitation Price Rs.10

## ନବୀନ ପଟ୍ଟନାୟକ ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରି ନିଜ ରାଜନୈତିକ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ଦେଶର ସର୍ବାଧିକ ସମୟ କ୍ଷମତାରେ ରହିବା ରେକର୍ଡ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପଞ୍ଚନ କୁମାର ଚାମ୍ଲିଙ୍କ ନାମରେ ରହିଛି । ସେ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ । ସେହିପରି ଦ୍ୱିତୀୟ ସର୍ବାଧିକ ଶାସନ ରେକର୍ଡ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ନାମରେ ରହିଥିଲା । ସେ ପଶ୍ଚିମବଙ୍ଗରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ । ତେବେ ନବୀନ ଜ୍ୟୋତି ବସୁଙ୍କ ସମକକ୍ଷ ହୋଇ ଦ୍ୱିତୀୟ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରୂପେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ନବୀନ ମଧ ୨୦୨୩ ଜୁଲାଇ ୨୨ ତାରିଖରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି । ନବୀନ ୨୦୦୦ରୁ ଲଗାତର(୨୦୦୪,୨୦୦୯,୨୦୧୪ ଓ ୨୦୧୯) ୫ମ ଥର ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଅଛନ୍ତି । ସେ କ୍ରମାଗତ ଭାବେ ଗଞ୍ଜାମ ଜିଲାର ହିଞ୍ଜିଳି ବିଧାନସଭା ନିର୍ବାଚନରୁ ବିଜୟୀ ହୋଇ ଆସୁଛନ୍ତି ।

## ବରଗଡ଼ରେ ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ ଉଦ୍‌ଘାଟିତ

ବରଗଡ଼: ବରଗଡ଼ରେ ଯୁଗ୍ମ ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟ ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଲୋକାର୍ପଣ କରିଛନ୍ତି ।

ବରଗଡ଼ ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟରେ ପ୍ରଥମ ଅଧିକାରୀ ଭାବେ ଶ୍ରୀମତୀ ଉପମା କାଲୋ କାର୍ଯ୍ୟରେ ଯୋଗ ଦେଇଥିଲେ । ବର୍ତ୍ତମାନ ପାଇଁ ବରଗଡ଼ କଚେରି ପରିସରରେ ରହିଥିବା ଉପଜିଲାପାଳଙ୍କ ଅଫିସ ପରିସରରେ ଏହି କୋର୍ଟଟି ଅସ୍ଥାୟୀ ଭାବେ ଖୋଲାଯାଇଥିବା ବେଳେ ସ୍ଥାୟୀ କୋର୍ଟ ନିର୍ମାଣ ହେଲା ପରେ ଏଠୁ ଅଦାଲତଟି ସ୍ଥାନାନ୍ତରୀତ ହେବ । ଜିଲ୍ଲା ପ୍ରଶାସନ ତରଫରୁ ଏଥିପାଇଁ ଘରୋଇ ବସଷ୍ଟାଣ୍ଡ ପଛପଟରେ ଜାଗା ଚିହ୍ନଟ ହୋଇସାରିଥିବା ବେଳେ ଅତି କମ ସମୟ ଭିତରେ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ହେବ । ଏହି କୋର୍ଟରେ ବରଗଡ଼, ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ମାମଲାଗୁଡ଼ିକୁ ପରିଚାଳନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏଣିକି ଜମିଜମା ରେକର୍ଡ଼ ପାଇଁ ଏହି ତିନି ଜିଲ୍ଲାବାସୀଙ୍କୁ ଆଉ ସମ୍ବଲପୁର ଯିବାକୁ ପଡିବ ନାହିଁ । ଏହି କୋର୍ଟ ଉଦ୍‌ଘାଟନ ଉତ୍ସବରେ ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜି, ବରଗଡ଼ ଉପଜିଲ୍ଲାପାଳ ଲଲାଟ ଲୁହା, ପିଡ଼ବ୍ଲୁଡ଼ି ନିର୍ବାହୀ ଯନ୍ତ୍ରୀ ଇଂ.ଆଲୋକ କୁମାର ନାଏକ ଉପସ୍ଥିତ ଥିବା ବେଳେ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଓ ସମ୍ପାଦକ ଉତ୍ତର କୁମାର ସାହୁଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟଗଣ ତଥା ଓକିଲମାନେ ଉପସ୍ଥିତ ଥିଲେ ।



## କେନ୍ଦୁପତ୍ର ହିତାଧିକାରୀଙ୍କୁ ୫୬ କୋଟିର ବୋନସ

ଭୁବନେଶ୍ୱର: କେନ୍ଦୁପତ୍ର ହିତାଧିକାରୀ ମାନଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୨ ଶସ୍ୟ ବର୍ଷର ତୃତୀୟ ପର୍ଯ୍ୟାୟ ଆର୍ଥିକ ସହାୟତା ବାବଦରେ ୫୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହୋଇପାରିବେ । ଚଳିତ ଜୁଲାଇ ମାସରେ ବୋନସ ଓ ପ୍ରୋତ୍ସାହନ ଭାବରେ ଏହି ୫୬ କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ । ୨୦୨୨ ଶସ୍ୟ ବର୍ଷ ପାଇଁ ଏଥିରେ ୭ ଲକ୍ଷ ୭୫ ହଜାର କେନ୍ଦୁପତ୍ର ତୋଳାଳିଙ୍କୁ ୨୫ ପ୍ରତିଶତ ବୋନସ ଏବଂ ୪୦ ହଜାର କେନ୍ଦୁପତ୍ର ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କୁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ମିଳିବ । ସମୁଦାୟ ୫୬ କୋଟି ୨୩ ଲକ୍ଷ ଟଙ୍କା କେନ୍ଦୁପତ୍ର ହିତାଧିକାରୀ ପାଇବେ । ଉଲ୍ଲେଖଥାଉ କି, ୨୦୨୨ ଶସ୍ୟ ବର୍ଷର ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ କେନ୍ଦୁପତ୍ର ତୋଳାଳିଙ୍କୁ ୧ ହଜାର ଟଙ୍କା ଏବଂ ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କୁ ୧୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଏଥିରେ ୮୩ କୋଟି ୩୪ ଲକ୍ଷ ଟଙ୍କା ଦିଆଯାଇଥିଲା ।



୨୦୨୨ ଶସ୍ୟ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ୭ ଲକ୍ଷ ୭୫ ହଜାର କେନ୍ଦୁପତ୍ର ତୋଳାଳିଙ୍କୁ ପାଇଁ ୧୬୦ ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ହିତାଧିକାରୀ ଏଥିରେ ୧୩୬୦ ଟଙ୍କା ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ସହ ପାଣି ବୋତଲ ପାଇଁ ୨୦୦ ଟଙ୍କା ଚପଲ ଲେଖାଏଁ ପାଇଥିଲେ । ୪୦ ହଜାର ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କୁ ୧୫ ଶହ ଟଙ୍କା ଲେଖାଏଁ ଦିଆଯାଇଥିଲା ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ୨୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏବେ ତୃତୀୟ ପର୍ଯ୍ୟାୟକୁ ମିଶାଇ ମୋଟ ୨୫୦ କୋଟି ୭୮ ଲକ୍ଷ ଟଙ୍କା ବୋନସ ଏବଂ ଆର୍ଥିକ ପ୍ରୋତ୍ସାହନ ବାବଦରେ କେନ୍ଦୁପତ୍ର ହିତାଧିକାରୀଙ୍କୁ ଦିଆଯାଉଛି । ଯାହାକି ଗୋଟିଏ ଫସଲ ବର୍ଷରେ ସର୍ବକାଳୀନ ରେକର୍ଡ । ସୂଚନାଯୋଗ୍ୟ ଯେ, ୨୦୨୧ ମସିହା ପାଇଁ ୨୦୨୨ ମସିହାରେ କେନ୍ଦୁପତ୍ର ତୋଳାଳିଙ୍କୁ ୧୧୮ କୋଟି ୮୩ ଲକ୍ଷ ଟଙ୍କା ବୋନସ ଓ ସହାୟତା ଦିଆଯାଇଥିଲା । ୨୦୨୧ ମସିହାଠାରୁ ୨୦୨୨ ଶସ୍ୟ ବର୍ଷ ପାଇଁ ହିତାଧାକାରୀ ଅଧକ ୧୧୧ ପ୍ରତିଶତ ସହାୟତା ରାଶି ପାଇଛନ୍ତି । ହିତାଧିକାରୀମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ ସେମାନଙ୍କ ଆର୍ଥିକ ପରିସ୍ଥିତି ଏହା ଉନ୍ନତି ଆଣି ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ୧୧ ଜିଲ୍ଲା ହସ୍ପିଟାଲରେ ମିଳିବ ଉନ୍ନତ କ୍ୟାନ୍ସର ଚିକିତ୍ସା

ଭୁବନେଶ୍ୱର: ରାଜ୍ୟର ୧୧ଟି ଜିଲ୍ଲା ହସ୍ପିଟାଲରେ ଆସନ୍ତା ୨ ବର୍ଷ ମଧ୍ୟରେ ଉନ୍ନତମାନର କ୍ୟାନସର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଏଥିପାଇଁ ରାଜ୍ୟ ସରକାର ୧୦୦୧.୧୪ କୋଟି ଟଙ୍କା ଖର୍ଚ୍ଚ କରିବେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି । ଏଥିରେ ଆସନ୍ତା ୨ ବର୍ଷ ମଧ୍ୟରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲାର ଭିମ୍‌ସାର, କୋରାପୁଟସ୍ଥିତ ଏସଏଲଏନ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ବି.ବି. ମେଡିକାଲ, ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ, କେନ୍ଦୁଝରର ଧରଣୀ ଧର ମେଡିକାଲ, ବାଲେଶ୍ୱରର ଏଫଏମ, ତାଳଚେରର ସରକାରୀ ମେଡିକାଲ ସମେତ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କମ୍ପ୍ରେହେନସିଭ୍ କ୍ୟାନସର କେୟାର ୟୁନିଟ୍ ସ୍ଥାପନ କରାଯିବ ।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ ଲକ୍ଷକୁ ବଢ଼ିଲା

ଭୁବନେଶ୍ୱର: କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରାଶି ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବଢ଼ାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି । ରାଜ୍ୟର ୮ ହଜାର ୭୧୭ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ଏଥିରେ ଉପକୃତ ହୋଇ ପାରିବେ ।

୨୦୧୩ ମସିହାରେ କାର୍ଯ୍ୟରତ ସାମ୍ବାଦିକମାନେ ୭ ଦଫା ଦାବି ନେଇ ଆନ୍ଦୋଳନ କରିବା ପରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକଙ୍କ ପ୍ରତିନିଧିଙ୍କୁ ଡାକି ଆଲୋଚନା କରିଥିଲେ ଏବଂ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରି ସାମ୍ବାଦିକମାନଙ୍କର ଦାବି ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି କମିଟିର ସୁପାରିଶରେ ୨୦୧୪ ମସିହାରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଘୋଷଣା କରାଯାଇଥିଲା । ସ୍ୱାସ୍ଥ୍ୟ ବୀମା ଓ ପେନସନ ଭଳି ସାମ୍ବାଦିକମାନଙ୍କର ଦୁଇଟି ପ୍ରମୁଖ ଦାବିକୁ ସରକାର ବିଚାରକୁ ନେଇ ଗୋଟିଏ ପୂରଣ କରିଥିଲେ ଓ ଅନ୍ୟଟିରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ । ସ୍ୱାସ୍ଥ୍ୟ ବୀମା ଯୋଜନାରେ ସେତେବେଳେ ସରକାର ୨ ଲକ୍ଷ ଟଙ୍କା ବୀମା ରାଶି ରଖିବା ସହ ଓଡ଼ିଶା ଚିକିତ୍ସା ପାଣ୍ଠି ଜରିଆରେ ଆଉ ୩ ଲକ୍ଷ ଟଙ୍କା ଯୋଗାଇ ଦେବାକୁ କହିଥିଲେ । ଏବେ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ରାଶିକୁ ୫ ଲକ୍ଷ ଟଙ୍କା କରାଯାଇଛି ।

ସାମ୍ବାଦିକଙ୍କ ବୀମାରାଶି ସହାୟତା ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ମୁଖ୍ୟମମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛି । ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତି ଜଣାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଫଳରେ ରାଜ୍ୟର ୯ ହଜାର ପାଖାପାଖି ସାମ୍ବାଦିକ ଉପକୃତ ହେବେ । ସାମ୍ବାଦିକମାନଙ୍କ ସାମାଜିକ ନିରାପତ୍ତା ଦୃଷ୍ଟିରୁ ଏହା ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ବୀମା ରାଶି ବୃଦ୍ଧି ନିଷ୍ପତ୍ତି ପାଇଁ ରାଜ୍ୟର ସାମ୍ବାଦିକ ମହଲ ସ୍ୱାଗତ କରିଥିବା ବେଳେ ଅବଶିଷ୍ଟ ଦାବି ପୂରଣ କରିବା ଦିଗରେ ସରକାର ତତ୍ପରତା ପ୍ରକାଶ କରିବେ ବୋଲି ଓୟୁଜେ ପକ୍ଷରୁ ଆଶା କରାଯାଇଛି । ଓୟୁଜିର ୩୦ଟି ଜିଲ୍ଲା ଶାଖା ପକ୍ଷରୁ ଏଭଳି ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି ।

ସେହିପରି ଏଥିପାଇଁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ରବି ରଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ସଂଗଠନ ପକ୍ଷରୁ ବୀମା ରାଶିକୁ ଦୁଇ ରୁ ୫ ଲକ୍ଷକୁ ବୃଦ୍ଧି କରିବା ପାଇଁ ବହୁବାର ଦାବି କରାଯାଇଥିଲା ଏ କ୍ଷେତ୍ରରେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଶ୍ରୀ ରଥ କହିଛନ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଧାରାବାହିକ ଭାବେ ପ୍ରକାଶ ପାଇ ଆସୁଥିବା ଏବଂ ଆରଏନଆଇ ଦ୍ୱାରା ପଞ୍ଜିକୃତ ହୋଇଥିବା ସମ୍ବାଦ ପତ୍ରଗୁଡ଼ିକର ସମ୍ବାଦ ପତ୍ରଗୁଡ଼ିକର ସମ୍ପାଦକ ଓ ପ୍ରକାଶକମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଅନୁରୋଧ କରାଯାଉଥିଲେ ମଧ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ତେଣୁ ଏ ଦିଗରେ ରାଜ୍ୟ ସରକାର ବିଚାର କରିବେ ବୋଲି ଶ୍ରୀ ରଥ ମୁଖ୍ୟମନ୍ତ୍ରୀ ଓ ସୂଚନା ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ରାଜ୍ୟ ପ୍ରେସ୍ ପରାମର୍ଶଦାତା କମିଟିର ମୁଖ୍ୟ ତଥା ସାଂସଦ ମାନସ ମଙ୍ଗରାଜଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଏ ସଂଖ୍ୟାରେ..


ରାମ ନାମର ମହତ୍ତ୍ୱ


ଘନ କେଶ ପାଇଁ ଘିକୁଆଁରୀ


କରମଙ୍ଗାର କରାମତି


ସ୍ୱାସ୍ଥ୍ୟ ପାଇଁ ଭଲ ବୁଟ


ଉପକାରୀ ପଣସ


ଛଚିନ୍ଦ୍ରାର ଉପକାରିତା

## କଣ୍ଟ୍ରୋଲ ଡିଲରମାନଙ୍କୁ ପାରିଶ୍ରମିକ ଦେବା ପାଇଁ ଦାବି

ସମ୍ବଲପୁର : ଗତ କୋଭିଡ୍ ସମୟରେ ହିତାଧିକାରୀମାନଙ୍କୁ ଚାଉଳ ଓ ଡାଲି ବାଣ୍ଟିବା ବାବଦରେ ବାକି ରହିଯାଇଥିବା ୨୨ ମାସର ପାରିଶ୍ରମିକ କଣ୍ଟ୍ରୋଲ ଡିଲରମାନଙ୍କୁ ଦିଆଯିବାକୁ ଶ୍ରମିକ ନେତା ରତିକାନ୍ତ ମହାନ୍ତି ଦାବି କରିଛନ୍ତି । ଶ୍ରୀ ମହାନ୍ତି ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଏକ ପତ୍ରରେ କହିଛନ୍ତି ଯେ, ବକେୟା ପାଉଣା ପଇଠ ବାବଦରେ ବହୁଦିନ ହେବ ଫାଇଲ୍ ସରକାରଙ୍କ ପାଖରେ ପଡି ରହିଛି । ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି କଣ୍ଟ୍ରୋଲ ଡିଲରମାନଙ୍କୁ ମାସିକ ସର୍ବନିମ୍ନ ୧୫ ହଜାର ଟଙ୍କା ଲେଖାଏଁ ପାରିଶ୍ରମିକ ଦେବାକୁଶ୍ରୀ ମହାନ୍ତି ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି ।

## ଜି-୨୦ ଶୀଖର ସମ୍ମିଳନୀର ସଫଳତା ପାଇଁ ସମସ୍ତେ କାର୍ଯ୍ୟ କରନ୍ତୁ: ପି.କେ. ମିଶ୍ର

ନୂଆଦିଲ୍ଲୀ: ଭାରତର ଜି -୨୦ ଅଧକ୍ଷତା ଉପରେ ଷଷ୍ଠ ସମନ୍ୱୟ କମିଟିର ବୈଠକ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସେପ୍ଟେମ୍ବର ୯ ଓ ୧୦ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜି -୨୦ ସମ୍ମିଳନୀ ସହ ଜଡିତ ପ୍ରସ୍ତୁତିର ସେ ସମୀକ୍ଷା କରିଥିଲେ । ଡକ୍ଟର ମିଶ୍ର ସମସ୍ତ ବିଭାଗକୁ ଭେଟିବା ସହିତ ଜି୨୦ ଶିଖର ସମ୍ମିଳନୀକୁ ସଫଳ କରିବା ପାଇଁ ଏକ 'ସମ୍ପୂର୍ଣ୍ଣ ସରକାର' ଆଭିମୁଖ୍ୟରେ କାର୍ଯ୍ୟ କରିବାକୁ କହିଛନ୍ତି । ଏହି ପରିପ୍ରେକ୍ଷୀରେ, ସମ୍ମିଳନୀ ସ୍ଥଳରେ ପ୍ରୋଟୋକଲ୍, ସୁରକ୍ଷା, ବିମାନବନ୍ଦର ସହିତ ସମନ୍ୱୟ, ଗଣମାଧମ, ଭିତ୍ତିଭୂମି ନବୀକରଣ ଏବଂ ଦିଲ୍ଲୀ ଏବଂ ପଡୋଶୀ ରାଜ୍ୟଗୁଡିକର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରାଯାଇଛି । କମିଟି ସଦସ୍ୟମାନେ ବିଭିନ୍ନ ବୈଠକ ପାଇଁ ପ୍ରସ୍ତାବିତ ସ୍ଥାନଗୁଡିକ ପରିଦର୍ଶନ କରିଥିଲେ ଏବଂ ସମସ୍ତ ସୂଚନା ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ଡ୍ରାଏ ରନ୍ / ମକ୍ ଏକ୍ସରସାଇଜ କରିବାକୁ ମଧ ନିଷ୍ପତ୍ତି ନିଆଯାଇଛି ଯାହା ଦ୍ୱାରା ବିଭିନ୍ନ ସଂସ୍ଥାଗୁଡିକ ନିରନ୍ତର ଭାବରେ କାର୍ଯ୍ୟ କରିବେ । କମିଟି ଆଗାମୀ ଜି -୨୦ ଶିଖର ସମ୍ମିଳନୀ ପାଇଁ ବିଭିନ୍ନ ପ୍ରସ୍ତୁତି ଦିଗରେ କାର୍ଯ୍ୟ ପାଇଁ ମାର୍ଗଦର୍ଶନ ଏବଂ ନିର୍ଦ୍ଦେଶନାମା ପ୍ରଦାନ କରିଛି ଏବଂ ଆସନ୍ତା ଦୁଇ ସପ୍ତାହ ମଧରେ ପୁନଃ ସମୀକ୍ଷା ପାଇଁ ପୁଣି ଥରେ ଡକାଇବାକୁ ନିଷ୍ପତ୍ତି ନେଇଛି । ସମନ୍ୱୟ କମିଟିର ବୈଠକ ଏପର୍ଯ୍ୟନ୍ତ ଅନୁଷ୍ଠିତ ଜି୨୦ ବୈଠକ ଏବଂ ଭାରତର ଜି୨୦ ଅଧକ୍ଷତାରେ ଧାର୍ଯ୍ୟ ଅବଶିଷ୍ଟ ବୈଠକର ସମୀକ୍ଷା ପାଇଁ ଏକ ସୁଯୋଗ ପ୍ରଦାନ କରିଛ । କମିଟି ଉଲ୍ଲେଖ କରିଛି ଯେ ଭାରତର ଜି -୨୦ ଅଧକ୍ଷତା ପାଇଁ ଏହା ଆଜି ପର୍ଯ୍ୟନ୍ତ ଦେଶର ୫୫ ଟି ବିଭିନ୍ନ ସ୍ଥାନରେ ୧୭୦ ଟି ବୈଠକ ଆୟୋଜନ କରିଛି । ୨୦୨୩ ଜୁଲାଇ ଏବଂ ଅଗଷ୍ଟ ମାସରେ ଅନେକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜି -୨୦ ର ଭାରତର ଅଧକ୍ଷତା ସହ ଜଡିତ ସମସ୍ତ ପ୍ରସ୍ତୁତି ତଥା ବ୍ୟବସ୍ଥାର ତଦାରଖ କରିବାକୁ କ୍ୟାବିନେଟ୍ ଦ୍ୱାରା ସମନ୍ୱୟ କମିଟିକୁ ଅନୁମତି ଦିଆଯାଇଛି । ଆଜି ପର୍ଯ୍ୟନ୍ତ ସମନ୍ୱୟ କମିଟିର ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ ଭାରତର ଜି -୨୦ ଅଧକ୍ଷତା ସହ ଜଡିତ ନିର୍ଦ୍ଦିଷ୍ଟ ମହତ୍ତ୍ୱପୂର୍ଣ୍ଣ ତଥା କାର୍ଯ୍ୟକ୍ରମର ପରିଚାଳନା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଅନେକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ଅଧିକାରୀମାନଙ୍କ ମଧରେ ଏନଏସଏ, ଶ୍ରୀ ଅଜିତ ଡୋଭାଲ, ଦିଲ୍ଲୀର ଲେଫ୍‌ନାଣ୍ଟ ଗଭର୍ଣ୍ଣର ଶ୍ରୀ ଭି.କେ. ସାକସେନା, କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ

ଝାରସୁଗୁଡ଼ା : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଲାଇ ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ପୂର୍ବକ ଅଧିକାରୀଙ୍କୁ ଯୋଜନା ଓ ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଧାର୍ଯ୍ୟ ସମୟ ମଧରେ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସକାଶେ ଅନୁଧାନ ପାଇଁ ରାଜସ୍ୱ ଆୟୁକ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ରାଜସ୍ୱ ଆୟୁକ୍ତଙ୍କ ପରିଦର୍ଶନ ସମୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୁତମୁଣ୍ଡାରେ ବୃକ୍ଷ ରୋପଣ

ବଲାଙ୍ଗୀର : କୁତମୁଣ୍ଡାର ମୁହୁରୀ କଳାପରିଷଦ ପକ୍ଷରୁ ଗ୍ରାମର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି । ପରିଷଦର ସମ୍ପାଦକ ଭୋଲାରାମ କୁମ୍ଭାରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ପ୍ରଶାନ୍ତ ସାହୁ, ପ୍ରହଲ୍ଲାଦ କୁମ୍ଭାର, ଭଜରାଜ ଖୁଟଲା, ନରେଶ ଛତର, ସ୍ୱାଧୀନ ଦେହେରୀ, କୁଞ୍ଜବିହାରୀ ରଣା,ଅକ୍ଷୟ ନାଗ, ବାବଲୁ ରଣା, ସଞ୍ଜୟ ଛତର, ସୁଶୀଲ ମେହେର, ପ୍ରହଲ୍ଲାଦ ଚନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ସୋସିଆଲ ମିଡ଼ିଆ ଆଶ୍ରିତ ନିର୍ବାଚନ ପ୍ରଚାର ୨୦୨୪

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତରେ ନିକଟ ଅତୀତର ଦୁଇ ସାଧାରଣ ନିର୍ବାଚନ ୨୦୧୪ ଓ ୨୦୧୯ରେ ନିର୍ବାଚନ ପ୍ରଚାରରେ ସୋସିଆଲ ମିଡ଼ିଆ ସାମିଲ ହୋଇଥିଲା ସତ, କିନ୍ତୁ ଜନସାଧାରଣରେ ସୋସିଆଲ ମିଡ଼ିଆ ଉପଭୋକ୍ତାଙ୍କ ସଂଖ୍ୟା ସୀମିତ ରହିଥିଲା । ତେବେ ୨୦୨୩ ସୁଦ୍ଧା ୭୫ କୋଟି ଜନସାଧାରଣ ସକ୍ରିୟ ଉପଭୋକ୍ତା, ଅର୍ଥାତ ମାସକୁ ଅନ୍ତତଃ ଥରେ ଇଣ୍ଟରନେଟ ମଞ୍ଚରେ ଅବତୀର୍ଣ୍ଣ ହେଉଥିବା 'ଗୁଗୁଲ-କାନ୍ତାର' ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଏ । ଇଣ୍ଟରନେଟ ମଞ୍ଚରେ ଉପଭୋକ୍ତା ବୃଦ୍ଧି ସାଧାରଣ ନିର୍ବାଚନ ୨୦୨୪ରେ ଅନଲାଇନ ପ୍ରଚାରକୁ ତ୍ୱରାନ୍ୱିତ କରିବା ସ୍ୱାଭାବିକ । ଜୁନ ୨୦୨୩ ଶେଷ ସପ୍ତାହରେ ରାଜସ୍ଥାନ ସରକାରଙ୍କ ଉନ୍ନୟନ କାର୍ଯ୍ୟକ୍ରମ ବିଜ୍ଞପିତ କରିବା ନିମନ୍ତେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ଆମନ୍ତ୍ରଣ ଏହି କ୍ଷେତ୍ରରେ ସଂଭାବ୍ୟ ଭବିଷ୍ୟତର ଚିତ୍ରାଙ୍କନ କରିଥିଲା ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର 'ରଏଟର ଇନଷ୍ଟିଚିଉଟ ଅଫ ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ' ପକ୍ଷରୁ ୨୦୨୩ ଜାନୁୟାରୀ ଓ ଫେବୃୟାରୀ ମାସରେ ଆୟୋଜିତ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ୫୩ ପ୍ରତିଶତ ଭାରତୀୟ ୟୁଟ୍ୟୁବ ମଞ୍ଚରୁ ସମ୍ବାଦ ଆହରଣ କରୁଥିବା ସ୍ଥଳେ ହ୍ୱାଟସଅପରେ ୫୧ ପ୍ରତିଶତ, ଫେସବୁକରେ ୩୯ ପ୍ରତିଶତ, ଇନଷ୍ଟାଗ୍ରାମରେ ୩୨ ପ୍ରତିଶତ, ଟେଲିଗ୍ରାମ ଓ ଟୁଇଟରରେ ପ୍ରତ୍ୟେକ ୨୦ ପ୍ରତିଶତ ଅନଲାଇନ ସମ୍ବାଦ ଉପଭୋକ୍ତା ହିସାବ କରାଯାଏ । ସୋସିଆଲ ମିଡ଼ିଆରେ ବିପୁଳ ସଂଖ୍ୟକ ଭୋଟରଙ୍କ ଉପସ୍ଥିତି ନିର୍ବାଚନ ପ୍ରଚାର ନିମନ୍ତେ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ କରିପାରିଥିବା ସୁସ୍ପଷ୍ଟ ।

ରାଜସ୍ଥାନରେ ୨୦୨୩ ଡ଼ିସେମ୍ବର ପ୍ରଥମ ସପ୍ତାହରେ ବିଧାନସଭା ନିର୍ବାଚନ ଆୟୋଜନ କରିବା କାର୍ଯ୍ୟକ୍ରମ ରହିଛି । ଏହାର ତିନି ସପ୍ତାହ ଆଗରୁ, ଅର୍ଥାତ ନଭେମ୍ବରରୁ ନିର୍ବାଚନ ଆଚରଣ ବିଧି ଲାଗିପାରେ । ଏହି ସମୟ ନିର୍ଘଣ୍ଟକୁ ବିଚାରକୁ ନେଇ ଅଗଷ୍ଟରୁ ଅକ୍ଟୋବର ତିନିମାସ ଯାଏଁ ରାଜସ୍ଥାନର କଂଗ୍ରେସ ସରକାର ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟାବଳୀର ବିଶଦ ବିବରଣୀ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ସୋସିଆଲ ମିଡ଼ିଆରେ ବିଜ୍ଞାପନ ପ୍ରକାଶନ ନୀତି ନିର୍ଦ୍ଧାରଣ କରିଛି । ନିର୍ବାଚନ କମିଶନଙ୍କ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପରେ ସରକାରୀ ଖର୍ଚ୍ଚରେ ବିଜ୍ଞାପନ ପ୍ରସାରଣ ନିଷିଦ୍ଧ ହେବ ।

ରାଜସ୍ଥାନ ସରକାରଙ୍କ ସୋସିଆଲ ମିଡ଼ିଆ ବିଜ୍ଞାପନ ସର୍ତ୍ତାବଳୀରେ ସାମାଜିକ ଗଣମାଧମ ପ୍ରବକ୍ତା 'ସୋସିଆଲ ମିଡ଼ିଆ ଇନଫ୍ଲୁଏନସର'ଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇଛି । ୟୁଟ୍ୟୁବ, ଫେସବୁକ, ଇନଷ୍ଟାଗ୍ରାମ ଓ ଟୁଇଟର ଇତ୍ୟାଦି ସୋସିଆଲ ମିଡ଼ିଆ ମଞ୍ଚରେ ୧୦ ଲକ୍ଷ ଅନୁଗାମୀ 'ଫଲୋଏର ବା ସବସ୍କ୍ରାଇବର' ଥିବା ଇନଫ୍ଲୁଏନସରଙ୍କୁ ପ୍ରଥମ ପର୍ଯ୍ୟାୟ, ପାଞ୍ଚ ଲକ୍ଷ ଅନୁଗାମୀ ବିଶିଷ୍ଟଙ୍କୁ ଦ୍ୱିତୀୟ ପର୍ଯ୍ୟାୟ, ଏକ ଲକ୍ଷ ଅନୁଗାମୀ ବିଶିଷ୍ଟଙ୍କୁ ତୃତୀୟ ପର୍ଯ୍ୟାୟ ଓ ଦଶ ହଜାର ଅନୁଗାମୀ ବିଶିଷ୍ଟଙ୍କୁ ଚତୁର୍ଥ ପର୍ଯ୍ୟାୟ ରୂପେ ଚିହ୍ନିତ କରାଯିବ ।

ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସଂପର୍କରେ ପ୍ରସ୍ତୁତ ବିଜ୍ଞାପନ ପ୍ରସାର ନିମନ୍ତେ ମାସିକ ପ୍ରଥମ ପର୍ଯ୍ୟାୟ ଇନଫ୍ଲୁଏନସରଙ୍କୁ ପାଞ୍ଚ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ଇନଫ୍ଲୁଏନସରଙ୍କୁ ଦୁଇ ଲକ୍ଷ, ତୃତୀୟ ପର୍ଯ୍ୟାୟ ଇନଫ୍ଲୁଏନସରଙ୍କୁ ପଚାଶ ହଜାର ଏବଂ ଚତୁର୍ଥ ପର୍ଯ୍ୟାୟ ଇନଫ୍ଲୁଏନସରଙ୍କୁ ଦଶ ହଜାର ଟଙ୍କା ଯାଏଁ ପ୍ରଦାନ କରାଯିବା ସ୍ଥିରୀକୃତ ହୋଇଛି । ଏହି ସୁଯୋଗ ଗ୍ରହଣ ନିମନ୍ତେ ସୋସିଆଲ ମିଡ଼ିଆ ଇନଫ୍ଲୁଏନସରମାନେ ବିଧିବଦ୍ଧ ଢଙ୍ଗରେ ସରକାରଙ୍କ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶାଳୟ ନିକଟରେ ଆବେଦନ କରିବେ । ସୋସିଆଲ ମିଡ଼ିଆରେ ନିଜ ଦକ୍ଷତା ପ୍ରମାଣିତ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟଭୁକ୍ତ ଇନଫ୍ଲୁଏନସରମାନେ ବିଗତ ଛଅ ମାସ ମଧରେ ୧୦୦ ଭିଡ଼ିଓ ବା ୧୫୦ ପୋଷ୍ଟ ପ୍ରକାଶିତ କରିଥିବା ଆବଶ୍ୟକ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଇନଫ୍ଲୁଏନସରଙ୍କ ଲାଗି ୬୦ ଭିଡ଼ିଓ ବା ୧୦୦ ପୋଷ୍ଟ, ତୃତୀୟ ପର୍ଯ୍ୟାୟ ଲାଗି ୩୦ ଭିଡ଼ିଓ ବା ୫୦ ପୋଷ୍ଟ ଏବଂ ଚତୁର୍ଥ ପର୍ଯ୍ୟାୟ ଲାଗି ୧୫ ଭିଡ଼ିଓ ବା ୩୦ ପୋଷ୍ଟ ନିର୍ଦ୍ଧାରିତ ହୋଇଛି । ସରକାରୀସ୍ତରରେ ନିଯୁକ୍ତ ଚୟନ କର୍ତ୍ତାଗଣଙ୍କୁ ପୂର୍ବ ନିର୍ଦ୍ଧାରିତ ସୀମାକୁ ଉଚିତ କ୍ଷେତ୍ରରେ କୋହଳ କରିବା କ୍ଷମତା ପ୍ରଦାନ କରାଯାଇଛି ।

ରାଜସ୍ଥାନ ସରକାରଙ୍କ ବିଧାନସଭା-ପୂର୍ବ ସୋସିଆଲ ମିଡ଼ିଆ ବିଜ୍ଞାପନ ନୀତି ଅନୁଶୀଳନରେ ସାମାଜିକ ପ୍ରଭାବ ଜନିତ କେତେକ ଦିଗ ଚର୍ଚ୍ଚାର ପରିସରକୁ ଆଣିଥାଏ । ପ୍ରଥମତଃ, ବିଗତ ଦଶନ୍ଧିରେ ମୁଦ୍ରଣ ଓ ଟେଲିଭିଜନ କ୍ଷେତ୍ରରେ ମଞ୍ଚ ସଂଖ୍ୟା ବୃଦ୍ଧି, ବ୍ୟୟ ତୁଳନାରେ ଆୟ ହ୍ରାସ ଓ ମାଲିକାନାକୁ କେନ୍ଦ୍ରକରି ବିଶ୍ୱସନୀୟତା ହରାଇ ବସୁଥିବା ଅବସରରେ ସୋସିଆଲ ମିଡ଼ିଆରେ ସ୍ଥାନୀୟ ପ୍ରବକ୍ତା 'ହାଇପର-ଲୋକାଲ ଇନଫ୍ଲୁଏନସର' ବିକଳ୍ପ ସାଜିଥିଲେ । ସୋସିଆଲ ମିଡ଼ିଆ କ୍ଷେତ୍ରରେ ମାତ୍ର ଏକରୁ ଦୁଇ ପ୍ରତିଶତ ଇନଫ୍ଲୁଏନସର ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିପାରୁଥିବା ସ୍ଥଳେ ଅଠାନବେରୁ ଅନେଶ୍ୱତ ପ୍ରତିଶତ ରଚି, ବଦାନ୍ୟତା ବା ପ୍ରାୟୋଜନକେନ୍ଦ୍ରୀକ । ଏହି ପରିବେଶରେ ଅର୍ଥବିନିମୟରେ ନିଜ ନିଜ ମଞ୍ଚରେ ସରକାରୀ ବିଜ୍ଞାପନ ପ୍ରଦର୍ଶନ ଲୋଭନୀୟ ମନେ ହୋଇପାରେ ।

ଦ୍ୱିତୀୟତଃ, ସ୍ୱାଧୀନ ସୋସିଆଲ ମିଡ଼ିଆ ମଞ୍ଚରେ ସରକାରୀ ବିଜ୍ଞାପନ ପ୍ରଦର୍ଶନ ଦ୍ୱାରା ସଂପୃକ୍ତ ମଞ୍ଚଗୁଡ଼ିକର ମୌଳିକତା କ୍ଷୁର୍ଣ୍ଣହେବା ଭୟ ରହିବ । ଦୀର୍ଘ କାଳର ପରିଶ୍ରମରେ ଗଢ଼ି ଉଠିଥିବା ଉପଭୋକ୍ତାଙ୍କ ବିଶ୍ୱସନୀୟତା ଉପରେ ଆଞ୍ଚ ଆସିପାରେ । ମୁଖ୍ୟତଃ, ସରକାରୀ ଆଭିମୁଖ୍ୟକୁ ସମର୍ଥନ କରି ମୁଦ୍ରଣ ଓ ଟେଲିଭିଜନ କ୍ଷେତ୍ରରେ ବିଶ୍ୱସନୀୟତା ହ୍ରାସ ମହାମାରୀ-ପର ଅବସ୍ଥାରେ ପାରମ୍ପରିକ ଗଣମାଧମପକ୍ଷରେ ଅମୀମାଂସିତ ସମସ୍ୟା ରୂପେ ମୁଣ୍ଡ ଟେକିଥିବା ସ୍ଥଳେ ବିଜ୍ଞାପନ ମାଧମରେ ସରକାରୀ ପ୍ରୋତ୍ସାହନ ସୋସିଆଲ ମିଡ଼ିଆକୁ ସଂପ୍ରସାରଣରେ ସମ ଦଶା ଆଶା କରିବା ଆଶଙ୍କା ଅମୂଳକ ନୁହେଁ ।

ତୃତୀୟତଃ, ନିର୍ବାଚନକୁ ଦୃଷ୍ଟିରେ ରଖି ମାତ୍ର ତିନିମାସ ଲାଗି ସୋସିଆଲ ମିଡ଼ିଆ ଇନଫ୍ଲୁଏନସରଙ୍କୁ ବିଜ୍ଞାପନ ବିତରଣ ଥରକ ଲାଗି କିଛି ଅର୍ଥ ଉପାର୍ଜନର ଆଶା ଉଜ୍ଜୀବିତ କରୁଥିଲେହେଁ ଦୀର୍ଘସୂତ୍ରରେ ହିତକର ସାବ୍ୟସ୍ତ ହୋଇନପାରେ । ରାଜସ୍ଥାନ ସରକାରଙ୍କ ଦ୍ୱାରା ପ୍ରଣୀତ ନିର୍ବାଚନ ପୂର୍ବରୁ ସରକାରୀ ବିଜ୍ଞାପନ ସୋସିଆଲ ମିଡ଼ିଆରେ ପ୍ରସାରଣ ନୀତି ଅନ୍ୟ ରାଜ୍ୟମାନଙ୍କୁ ମଧ ପ୍ରଭାବିତ କରିବା ଯୁକ୍ତିଯୁକ୍ତ । ସାଧାରଣ ନିର୍ବାଚନ ୨୦୨୪ରେ କେନ୍ଦ୍ର ସରକାର ସମେତ ବିଭିନ୍ନ ରାଜ୍ୟ ସରକାର ସୋସିଆଲ ମିଡ଼ିଆର ସଂପ୍ରସାରଣକୁ ଭିତ୍ତିକରି ମୁଦ୍ରଣ ଓ ଟେଲିଭିଜନ ସହ ସୋସିଆଲ ମିଡ଼ିଆରେ ବିଜ୍ଞାପନ ପ୍ରସାରକୁ ଗୁରୁତ୍ୱ ଦେବା ନିଶ୍ଚିତ । ତେବେ ଏତଦ୍ୱାରା ସରକାର ନା ବିକଳ୍ପ ଗଣମାଧମ, କିଏ କେତେ ଲାଭବାନ ହେବେ ସେଥିଲାଗି ଅଙ୍କକଷାର ସମୟ ଉପନୀତ ।

ସାଧାରଣରେ ସୋସିଆଲ ମିଡ଼ିଆ ଇନଫ୍ଲୁଏନସରମାନେ ନିଜସ୍ୱ ମଞ୍ଚରେ ଛୋଟ ବଡ଼ ଅନୁଗାମୀ ସଂଗୋଷ୍ଠୀ 'କମ୍ୟୁନିଟି' ଗଠନ କରିଥାନ୍ତି । ଅନୁଗାମୀମାନଙ୍କ ପ୍ରବକ୍ତା ବା ଇନଫ୍ଲୁଏନସରଙ୍କ ସହ ଅନ୍ତରଙ୍ଗ ସଂପର୍କ ସ୍ଥାପନ ହୋଇଥାଏ ଏବଂ ପ୍ରବକ୍ତାଙ୍କ ଦ୍ୱାରା ପ୍ରକାଶିତ ବର୍ଣ୍ଣନାବଳୀକୁ ଗୁରୁତ୍ୱ ପ୍ରଦାନ କରୁଥିବା ପରିଲକ୍ଷିତ । ଏହି ବିଶ୍ୱସନୀୟ ପରିବେଶରେ ସରକାର ବିଜ୍ଞାପନ ପ୍ରସାରଣ ନିମନ୍ତେ ଆଗ୍ରହୀ । ରାଜସ୍ଥାନ ସରକାରଙ୍କ ପକ୍ଷରୁ ଉଦ୍ୟମ ପୂର୍ବରୁ ୨୦୨୩ ମାର୍ଚ୍ଚ ମାସରେ କେନ୍ଦ୍ର ସରକାରଙ୍କ 'ଇଲକ୍ଟ୍ରୋନିକ୍ସ ଓ ଇନଫରମେସନ ଟେକନୋଲଜି ମନ୍ତ୍ରଣାଳୟ' ଦ୍ୱାରା ପରିଚାଳିତ 'ୟୁ-ଗଭ' ପକ୍ଷରୁ ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ମାର୍କେଟିଂ କମ୍ପାନୀଗୁଡ଼ିକୁ ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

'ଡ଼ିଜିଟାଲ ଇଣ୍ଡିଆ' ଅଭିଯାନରେ 'ୟୁ-ଗଭ' ମାଧମରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକର ପ୍ରଚାର ନିମନ୍ତେ ୨୦୧୪ରୁ ପଦକ୍ଷେପମାନ ଗ୍ରହଣ କରାଯାଇ ଆସୁଛି । ଦେଶର ୨୧ ଗୋଟି ରାଜ୍ୟରେ ଏହାର କାର୍ଯ୍ୟକ୍ରମ ସଂପ୍ରସାରିତ । ସୋସିଆଲ ମିଡ଼ିଆରେ ଇନଫ୍ଲୁଏନସରଙ୍କ ମାଧମରେ ବିଜ୍ଞାପନ ପ୍ରସାରଣ ନିମନ୍ତେ ଆଗ୍ରହୀ ସଂସ୍ଥାମାନଙ୍କ ଆବେଦନ ଗ୍ରହଣ ନିମନ୍ତେ ଚାରିଗୋଟି ପର୍ଯ୍ୟାୟ ସୃଷ୍ଟି କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ବା ତଦୁର୍ଦ୍ଧ, ଦ୍ୱିତୀୟ ପର୍ଯ୍ୟାୟରେ ଏକ ଲକ୍ଷରୁ ୧୦ ଲକ୍ଷ, ତୃତୀୟ ପର୍ଯ୍ୟାୟରେ ୧୦ ହଜାରରୁ ଏକ ଲକ୍ଷ ଓ ଚତୁର୍ଥ ପର୍ଯ୍ୟାୟରେ ଏକ ହଜାରରୁ ୧୦ ହଜାର ଅନୁଗାମୀ ବିଶିଷ୍ଟ ଇନଫ୍ଲୁଏନସରମାନଙ୍କୁ ଚିହ୍ନଟ କରି ବିଭିନ୍ନ ସଂସ୍ଥା ମାଧମରେ ସରକାରଙ୍କ ପକ୍ଷରୁ ତିନି ବର୍ଷ ଯାଏଁ ବିଜ୍ଞାପନ ବିତରଣ ନିମନ୍ତେ ସ୍ଥିର କରାଯାଇଥିଲା ।

ଆନ୍ତର୍ଜାତିକସ୍ତରରେ ଗଣତାନ୍ତ୍ରିକ ନିର୍ବାଚନରେ ସୋସିଆଲ ମିଡ଼ିଆର ପ୍ରଭାବ ଭାରତରେ ୨୦୧୪ ନିର୍ବାଚନରୁ ସୁସ୍ପଷ୍ଟ । ତେବେ ୨୦୨୪ ନିର୍ବାଚନରେ ଅର୍ଦ୍ଧାଧିକ ଭୋଟର ସୋସିଆଲ ମିଡ଼ିଆ ମଞ୍ଚରେ ଦୈନିକ ଭିତ୍ତିରେ ଦୀର୍ଘ ସମୟ ଅତିବାହିତ କରୁଥିବା ଏବଂ ନିଜ ରଚି ଅନୁଯାୟୀ ପ୍ରବକ୍ତା ଚୟନ କରିଥିବା କାରଣରୁ ନିର୍ବାଚନ ପ୍ରଚାର ପ୍ରଖର ହେବା ସୁନିଶ୍ଚିତ । କ୍ରମଶଃ ସମ୍ବାଦପତ୍ରରେ ପ୍ରକାଶିତ ଅଭିମତ ଓ ଟେଲିଭିଜନ କାର୍ଯ୍ୟକ୍ରମକୁ ଉପଭୋକ୍ତାମାନେ ସୋସିଆଲ ମିଡ଼ିଆ ମାଧମରେ ଆହରଣ କରିବା ଅଭ୍ୟାସ ବୃଦ୍ଧି ପାଉଥିବା ହେତୁ ଏହା ଏକକ ଗଣମାଧମ ରୂପେ ପ୍ରଭାବ ବିସ୍ତାର କରିଚାଲିଛି । ଏକ ବିକଳ୍ପ ମଞ୍ଚ ଭାବେ ଗଢ଼ି ଉଠିଥିବା ବ୍ୟବସ୍ଥାରେ ଉଭୟ ପାରମ୍ପରିକ ଗଣମାଧମ ଓ ସରକାରଙ୍କ ପ୍ରବେଶ ସୋସିଆଲ ମିଡ଼ିଆକୁ ଉପଭୋକ୍ତାଙ୍କ ଗ୍ରହଣୀୟତାକୁ କେଉଁ ଦିଗରେ ନେବ ତାହା ଭବିଷ୍ୟତ କହିବ ।

# ଜଗନ୍ନାଥ ଦାସ ଓ 'ଓଡ଼ିଆ ଭାଗବତ'

ଦିନଥିଲା ଓଡ଼ିଶାର ଗାଁ ଗାଁରେ ଥିଲା ଭାଗବତ ଟୁଙ୍ଗି । ତାହା 'ଭାଗବତ ଘର' ଭାବରେ ଥିଲା ସୁପରିଚିତ । ଏଇଠି ପୂଜା ପାଉଥିଲେ ଭାଗବତର ତାଳପତ୍ର ପୋଥି । ଲୋକେ ଏହାକୁ 'ଭାଗବତ ଗାଦି' ବୋଲି କହୁଥିଲେ । ତାଳପତ୍ର ଭାଗବତ ପୋଥିକୁ ବ୍ରାହ୍ମଣ ପଣ୍ଡିତେ ଭାଗବତ ଟୁଙ୍ଗିରେ ବସି ପାଠ କରନ୍ତି । ସରଳ, ସାବଲୀଳ ଭାଷାରେ ଓଡ଼ିଆ ଭାଗବତକୁ ଜଗନ୍ନାଥ ଦାସ ଲେଖି ଯାଇଛନ୍ତି । ଏହାକୁ ଶୁଣି ବୁଝିବା ପାଇଁ କଷ୍ଟ ହୁଏ ନାହିଁ । ଜଗନ୍ନାଥ ଦାସ ଏହାକୁ ମୂଳ ସଂସ୍କୃତ ଭାଗବତର ଭାବକୁ ନେଇ ଓଡ଼ିଆ ଭାଗବତ ରଚନା କରିଯାଇଛନ୍ତି । ଏହା ସଂସ୍କୃତ ଭାଗବତର ଆକ୍ଷରିକ ଓଡ଼ିଆ ଅନୁବାଦ ନୁହେଁ । ଜଗନ୍ନାଥ ଦାସ ପଣ୍ଡିତମାନଙ୍କ ପାଇଁ ଓଡ଼ିଆ ଭାଗବତକୁ ରଚନା କରି ନାହାନ୍ତି । ସେ ଏହାକୁ ରଚନା କରିଯାଇଛନ୍ତି ଉତ୍କଳର ଅଗଣିତ ନିରକ୍ଷର ଜନତାଙ୍କ ପାଇଁ । ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ ହେଉଛି, ଓଡ଼ିଆ ଜାତୀୟତାର ପ୍ରତୀକ । ତାଙ୍କ ଭାଗବତ ଓଡ଼ିଆ ଜାତିକୁ ଏକତାସୂତ୍ରରେ ବାନ୍ଧି ରଖିଛି । ଯେଉଁଠାରେ ଓଡ଼ିଆ, ସେଇଠି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର । ଆଉ ସେଇଠି ମଧ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ । ଏବେ ବି ବଙ୍ଗଳାର ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପା ହୋଇ ପାଠ କରାଯାଉଛି । ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ କାନରେ ପଡ଼ିବା ମାତ୍ରେ ପ୍ରାଣରେ ଓଡ଼ିଆତ୍ୱ ଭାବ ଗୁଞ୍ଜରିତ ହୋଇଉଠେ । ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତର ଏହି ମୃତ୍ୟୁହୀନ ପଂକ୍ତି ଗ୍ରାମୀଣ ଖଟିଖିଆ ମୂଲିଆ ଓ କୃଷକ ମୁଖରୁ ସ୍ୱତଃ ବାହାରି ଆସେ । "କହଇ ଦାସ ଜଗନ୍ନାଥ । କୃଷ୍ଣଚରିତ ଭାଗବତ ।

ଜଗନ୍ନାଥ ଦାସଙ୍କ ଭାଗବତରେ ପୂରି ରହିଛି ଅନେକ ନୀତିବାଣୀ । ଯାହାକୁ ପାଠ କରି ଓ ଶ୍ରବଣ କରି ସାଧାରଣ ଜନତା ସତର୍କତାର ସହ ଦୈନନ୍ଦିନ ଜୀବନରେ କାଳାତିପାତ କରନ୍ତି ।

ସେଗୁଡ଼ିକ ମଧ୍ୟରେ –

ଏ ଜୀବ ଭାବୁଥାଇ ଯାହା । କାଳେ ପ୍ରାପତ ହୁଏ ତାହା ।

× × × ×

କଳ୍ପନା ମୁଖେ କାଳ ଥାଇ । ପ୍ରାଣୀ ତା' ଜାଣି ନ ପାରଇ ।।

× × × ×

ଆତ୍ମା କୁଶଳେ ସର୍ବସିଦ୍ଧି । ତରଇ ସଂସାର ବାରିଧି ।

× × × ×

ଆତ୍ମାକୁ ଆତ୍ମା ଯେବେ ସ୍ମରେ । ପରମାନନ୍ଦରେ ବିହରେ ।

× × × ×

ଆପଣା ଦନ୍ତେ ଜିହ୍ୱା ଛେଦି । କେ ତା'ର ଅଛି ପ୍ରତିବାଦୀ ।

ଏହି ମହାପୁରୁଷଙ୍କର ଜନ୍ମ ୧୪୯୦ ମସିହା ଭାଦ୍ର ଶୁକ୍ଳ ଅଷ୍ଟମୀ (ରାଧାଷ୍ଟମୀ) ତିଥିରେ ପୁରୀ ଶ୍ରୀକ୍ଷେତ୍ର ଅନ୍ତଃପାତି କପିଳେଶ୍ୱରପୁର ଶାସନରେ । ତାଙ୍କ ପିତାଙ୍କ ନାମ ପଣ୍ଡିତ ଭଗବାନ ଦାସ । ମାତାଙ୍କ ନାମ ପଦ୍ମାବତୀ । ପିତା ଥିଲେ ପୁରାଣ ପଣ୍ଡିତ । ସେ ଲୋକଙ୍କୁ ସଂସ୍କୃତ ପୁରାଣଗୁଡ଼ିକୁ ସରଳ ଭାଷାରେ ବୁଝାଇ ପାରୁଥିଲେ । ଫଳରେ ତତ୍କାଳୀନ ଗୁଣଗ୍ରାହୀ ରାଜା ପୁରୁଷୋତ୍ତମଦେବ ତାଙ୍କୁ 'ପୁରାଣ ପଣ୍ଡା' ଉପାଧିରେ ଭୂଷିତ କରିଥିଲେ । ଜଗନ୍ନାଥ ଦାସ ରାଧାଷ୍ଟମୀରେ ଜନ୍ମଗ୍ରହଣ କରିଥିବାରୁ ଲୋକେ ତାଙ୍କୁ ରାଧାଙ୍କ ଅବତାର ବୋଲି ଗ୍ରହଣ କରି ନେଇଥିଲେ ।

ଜଗନ୍ନାଥ ଦାସ ଥିଲେ ବାଲ୍ୟକାଳରୁ ଅଗାଧ ଜ୍ଞାନର ଅଧିକାରୀ । ପ୍ରାଥମିକ ଶିକ୍ଷା ଲାଭ ସମୟରେ ସେ ପିତାଙ୍କଠାରୁ 'ଅମରକୋଷ' ସମେତ ଅନ୍ୟ ଦୁଇଟି ବ୍ୟାକରଣ ପୁସ୍ତକ ଅଧ୍ୟୟନ କରି ଭାଷା ପ୍ରବୀଣ ହୋଇପାରିଥିଲେ । ଅଠର ବର୍ଷ ବୟସରେ ସେ ପୁରାଣ ଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଭାବରେ ଖ୍ୟାତି ଲାଭ କଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଜଗନ୍ନାଥ ପ୍ରତ୍ୟହ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭାଗବତ ଅଧ୍ୟୟନ କରିବାରେ ଲାଗିଲେ । ବଡ଼ ଦେଉଳର ଦକ୍ଷିଣ ଦିଗରେ ଅବସ୍ଥିତ ବଟ ଗଣେଶଙ୍କ ପାଖରେ ଜଗନ୍ନାଥ ଦାସଙ୍କର ପୁରାଣ ପାଠ ପାଇଁ ସ୍ଥାନ ନିରୂପିତ କରି ଦିଆଯାଇଥିଲା । ପ୍ରତ୍ୟହ ଅନେକ ଲୋକ ଜଗନ୍ନାଥ ଦାସଙ୍କ ମୁହଁରୁ ଭାଗବତ ଶୁଣିବା ପାଇଁ ରୁଣ୍ଡ ହେଲେ । ଫଳରେ ପୁରାଣ ପାଠ ପାଇଁ ରାଜା ବୃତ୍ତି ମଧ ଖଞ୍ଜି ଦେଇଥିଲେ । ଏବେ ବି ସେହି ବୃତ୍ତି ଖଞ୍ଜା ହୋଇରହିଛି ।

ଜଗନ୍ନାଥ ଦାସଙ୍କୁ ଉଣେଇଶ ବର୍ଷ ହୋଇଥିବା ବେଳର କଥା । ସେତେବେଳେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ଆସି ପହଞ୍ଚିଲେ ପୁରୀ ଶ୍ରୀକ୍ଷେତ୍ରରେ । ବଟମୂଳରେ ଶ୍ରୀଚୈତନ୍ୟଙ୍କ ସହ ତାଙ୍କର ଭେଟ ହେଲା । ସେହି ସମୟରେ ଜଗନ୍ନାଥ ଦାସ 'ଭାଗବତ' ଦଶମସ୍କନ୍ଧର ବ୍ରହ୍ମ ସ୍ତୁତି ଗାନ କରୁଥାଆନ୍ତି । ତାଙ୍କ ଜ୍ଞାନ ଗରିମା ଦେଖି ଶ୍ରୀଚୈତନ୍ୟ ତାଙ୍କର ସହଚରମାନଙ୍କୁ କହିଲେ, "ଏ ଜଗନ୍ନାଥ ଦାସ ଏମିତି ସେମିତି ଲୋକ ନୁହଁନ୍ତି । ସେ ମହାପ୍ରଭୁ ଜଗନ୍ନାଥଙ୍କର ସଙ୍ଗ୍ୟ ।" ଜଗନ୍ନାଥ ଶ୍ରୀଚୈତନ୍ୟଙ୍କୁ ଗୁରୁ ରୂପରେ ସମ୍ମାନ ଜଣାଇବାରେ ଲାଗିଲେ । ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ଜଗନ୍ନାଥ ଦାସ । ବଳରାମ ଦାସ ଶ୍ରୀଚୈତନ୍ୟଙ୍କ ଇଙ୍ଗିତରେ ଜଗନ୍ନାଥ ଦାସଙ୍କୁ ଦୀକ୍ଷା ଦେଇଥିବାର ଜଣାଯାଏ । ଫଳରେ ଜଗନ୍ନାଥ ଦାସ ଉଭୟ ବଳରାମ ଦାସ ଓ ଶ୍ରୀଚୈତନ୍ୟଙ୍କୁ ଗୁରୁରୂପରେ ମାନିବାରେ ଲାଗିଲେ । ଜଗନ୍ନାଥ ଦାସ ଥିଲେ ଅସାଧାରଣ ଗୁରୁଭକ୍ତ । ଦିନେ ଶ୍ରୀଚୈତନ୍ୟ ତାଙ୍କୁ କହିଲେ, "ଦାସେ ତୁମେ ଅତି ବଡ଼ ।" ଏହାପରେ ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟକୁ ଜଗନ୍ନାଥ ଦାସଙ୍କ ମସ୍ତକରେ ବାନ୍ଧି ଦେଲେ । ସେହିଦିନଠାରୁ ଲୋକେ ତାଙ୍କୁ 'ଅତିବଡ଼ୀ ଗୋସ୍ୱାମୀ' ଭାବରେ ସମ୍ବୋଧନ କରିବାରେ ଲାଗିଲେ ।

ସମ୍ରାଟ ପ୍ରତାପରୁଦ୍ର ଜଗନ୍ନାଥ ଦାସଙ୍କୁ ମଧ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ନିଜ ମହାରାଣୀଙ୍କ ନିମନ୍ତେ ନିର୍ମିତ ପ୍ରାସାଦରେ ରହିବା ପାଇଁ ତାଙ୍କୁ ପ୍ରତାପରୁଦ୍ର ଅନୁରୋଧ କରିବାରୁ ସେଠାରେ ଜଗନ୍ନାଥ କିଛି କାଳ ମଧ ଅବସ୍ଥାନ କରିଥିଲେ । ସେହି ସ୍ଥାନ ବଡ଼ ଓଡ଼ିଆ ମଠ ଭାବରେ ପରିଚିତ । ସେଠାରେ ସର୍ବଦା ଜନଗହଳି ଲାଗି ରହିବାରୁ ଜଗନ୍ନାଥ ଦାସ ସମୁଦ୍ର କୂଳରେ ଗୋଟିଏ ମଠ ନିର୍ମାଣ କରିଥିଲେ । ତାଙ୍କର ସେହି ମଠ ବର୍ତ୍ତମାନ ସାତ ଲହଡ଼ି ମଠଭାବରେ ପରିଚିତ । ଜଗନ୍ନାଥ ଦାସ କେବଳ ଓଡ଼ିଆ ଭାଗବତ ଲେଖିଯାଇ ନାହାନ୍ତି । ସଂସ୍କୃତରେ ମଧ 'ନୀଳାଦ୍ରି ଶତକମ୍', 'ଜଗନ୍ନାଥ ଚରିତାମୃତ ସରଣୀ', 'ବହି ଖେଳା', 'ଗୁପ୍ତ ଭାଗବତ', 'ତୁଳାଭିଣା' (ଗଦ୍ୟ) ଓ ଇତିହାସ ପୁରାଣ ଆଦି ଗ୍ରନ୍ଥ ରଚନା କରିଯାଇଛନ୍ତି । ୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ତିଥିରେ ସାତ ଲହଡ଼ି ମଠରେ ନିଜର ସ୍ଥୂଳ ଶରୀର ତ୍ୟାଗ କରିଥିଲେ ।

## ଆଜିର ଚିନ୍ତନ

ମଣିଷଠାରେ ବିବେକରୂପୀ ମହାନ ସମ୍ପଦ ଦେଇଛନ୍ତି ସୃଷ୍ଟିକର୍ତ୍ତା । ଏହି ଦୃଷ୍ଟିକୋଣରୁ ମଣିଷ ଓ ପଶୁ ସମ୍ପୂର୍ଣ୍ଣ ଭିନ୍ନ । ଅନ୍ୟଥା ଆହାର-ବିହାର, ନିଦ୍ରା, ମୈଥୁନ ଏସବୁ କ୍ଷେତ୍ରରେ ପଶୁ-ମଣିଷଠାରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ । ଏହି ବିବେକର ଅନୁଶାସନ ମାନି ଚଳୁଥିବା ବ୍ୟକ୍ତି ସମାଜରେ ପୂଜ୍ୟ ହୋଇଥାନ୍ତି । ସମାଜରେ ବସବାସ କରୁଥିବା ଅନ୍ୟମାନଙ୍କ ପ୍ରତି ସ୍ୱୀୟ କର୍ତ୍ତବ୍ୟ- ଦାୟିତ୍ୱ ନିର୍ବାହ ବିବେକବାନ୍‌ର କାର୍ଯ୍ୟ । ଏହା ବିନା ଯେତେ ସାଧନା, କର୍ମକାଣ୍ଡ କଲେ ମଧ ସବୁ ନିରର୍ଥକ, ସିଦ୍ଧିଲାଭ ସୁଦୂର ପରାହତ ହୋଇଯାଏ ।

ଭିକ୍ଷୁମାନଙ୍କ ଗହଣରେ ରହୁଥିବା ତଥାଗତଙ୍କର ପ୍ରତ୍ୟେକ ଭିକ୍ଷୁଙ୍କ ପ୍ରତି ନଜର ଥିଲା । ସେମାନଙ୍କ କ୍ରିୟାକଳାପ, ବ୍ୟବହାର, ସେମାନେ କିପରି ଅଛନ୍ତି- ଏସବୁ ପ୍ରତି ସତର୍କ ଦୃଷ୍ଟି ରଖୁଥିଲେ । ଏକଦା ଜଣେ ଭିକ୍ଷୁଙ୍କୁ ଦେଖିବାକୁ ନ ପାଇ ନିକଟରେ ଠିଆ ହୋଇଥିବା, ଏକାନ୍ତ ଅନୁଗତ ଶିଷ୍ୟ ଆନନ୍ଦଙ୍କୁ ପଚାରିଥିଲେ ସେହି ଭିକ୍ଷୁଙ୍କ ସମ୍ପର୍କରେ ।

ଆନନ୍ଦ ଉତ୍ତର ଦେଇଥିଲେ- 'ସେ ଅତିସାର (ବିସୂଚିକା) ରୋଗରେ ପୀଡ଼ିତ ।' 'ଚାଲ, ଏବେ ତାଙ୍କୁ ଦେଖା କରି ଆସିବା'- ତଥାଗତ କହିଥିଲେ ଆନନ୍ଦଙ୍କୁ ।

ନିକଟକୁ ଯାଇ ତଥାଗତ ଦେଖିଲେ ବିସୂଚିକାଗ୍ରସ୍ତ ରୁଗ୍ଣ ଭିକ୍ଷୁଜଣକ କୋଠରୀର ଏକ କୋଣରେ ଚଟାଣରେ ଶୋଇ ରହିଛନ୍ତି ସେଇ ମଳମୂତ୍ର ଭିତରେ । କକ୍ଷ ଭିତରୁ ଉତ୍କଟ ଦୁର୍ଗନ୍ଧ ଆସୁଛି । 'କ'ଣ କେହି ତୁମର ପରିଚର୍ଯ୍ୟା ନିମିତ୍ତ ଆସି ନାହାନ୍ତି ।' ଏଭଳି ସ୍ଥିତି ଦେଖି ବ୍ୟଥିତ ହୋଇ ପ୍ରଶ୍ନ କରିଥିଲେ ତଥାଗତ । ବେମାର ଭିକ୍ଷୁ ଉତ୍ତର ଦେଇଥିଲେ- 'ନା, ଭଗବାନ, ସେମାନେ ସମସ୍ତେ ଯୋଗସାଧନା ନିମିତ୍ତ ଚାଲି ଯାଇଛନ୍ତି ମୋତେ ଏଠି ଏକାକୀ ଛାଡ଼ି ଦେଇ । ମୋ ବିଷୟରେ ସେମାନଙ୍କର ସାମାନ୍ୟ ଚିନ୍ତା ନାହିଁ ।

ପାଖରେ ଠିଆ ହୋଇଥିବା ଆନନ୍ଦଙ୍କୁ କହିଥିଲେ- 'ଯାଅ ଆନନ୍ଦ, ଜଳ ନେଇ ଆସ । ଏବେ ଆମେ ଏହାଙ୍କର ସେବା କରିବା!' ହଁ ଭଗବାନ- କହି ଆନନ୍ଦ ଜଳ ଆଣିବାକୁ ଯାଇଥିଲେ । ଜଳପୂର୍ଣ୍ଣ ପାତ୍ର ନେଇ ଆନନ୍ଦ ଆସିବା ପରେ ତଥାଗତ ସ୍ୱୟଂ ପାଣିଢ଼ାଳି ନିଜ ହାତରେ ସେହି ଭିକ୍ଷୁଙ୍କଙ୍କ ମଳମୂତ୍ର ଲାଗିଥିବା ଶରୀର, ଲୁଗାପଟା ସଫା କରି ପରିଷ୍କାର ବସ୍ତ୍ର ପିନ୍ଧିବାକୁ ଦେଇଥିଲେ । ତଥାଗତଙ୍କୁ ସେବା କରିବାର ଦେଖି ପାଖରେ ଦଣ୍ଡାୟମାନ ଭିକ୍ଷୁମାନେ ସେବା କରିବା ନିମନ୍ତେ ହାତ ବଢ଼ାଇଥିଲେ । ହେଲେ ତଥାଗତ କାହାରିକୁ ସେ ସୁଯୋଗ ଦେଇ ନଥିଲେ କି କିଛି ବି କହି ନଥିଲେ । ସନ୍ଧ୍ୟା ହୋଇଆସୁଥିଲା, ସନ୍ଧ୍ୟାକାଳୀନ ପ୍ରାର୍ଥନା ପାଇଁ ଭିକ୍ଷୁଗଣ ସମବେତ ହେଲେ । ବିସୂଚିକାଗ୍ରସ୍ତ ଭିକ୍ଷୁର ସେବାଶୁଶ୍ରୂଷା ସଂପାଦନ ପରେ ତଥାଗତ ପ୍ରାର୍ଥନା ସଭାରେ ପହଞ୍ଚି କୌଣସି ଭୂମିକା ବିନା ଭିକ୍ଷୁମାନଙ୍କୁ ସମ୍ବୋଧିତ କରି କହିଥିଲେ- 'ଜ୍ଞାନ, ଯୋଗ, ଓ ତପର ମହିମା ଯେତେ ମହତ୍ତର ହୋଇଥାଉନା କାହିଁକି, ପୀଡ଼ିତ ମାନବର ସେବା, ପରୋପକାର ବିନା ଏହାର (ଯୋଗ-ତପ) ସାମାନ୍ୟତମ ଉପଲବ୍ଧି, ଲାଭ ଅସମ୍ଭବ । ତୁମେମାନେ ସେବା- ସାଧନାକୁ ପ୍ରାଥମିକତା ଦେବା ଆବଶ୍ୟକ । ପରେ ଯୋଗାଭ୍ୟାସ କରିପାର । ଏହାଦ୍ୱାରା ଭିକ୍ଷୁ ଭାବରେ ନିଜର ତଥା ସଂଘର ସାର୍ଥକତା ପ୍ରତିପାଦନରେ ସକ୍ଷମ ହେବ ।

# ରାମ ନାମର ମହତ୍ତ୍ୱ

ରାମ ଅନନ୍ତ, ରାମ କଥା ଅନନ୍ତ ଓ ରାମ ନାମ ଅନନ୍ତ । ନାମ ଓ ନାମୀ ଅଭିନ୍ନ । ସ୍ୱୟଂ ରାମଙ୍କଠାରୁ ରାମ ନାମର ମହତ୍ତ୍ୱ ସର୍ବାଧିକ । ଏହାର ଏକ ସୁନ୍ଦର ଉଦାହରଣ ରହିଛି ଶାସ୍ତ୍ରରେ । ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଲଙ୍କାକୁ ଯୁଦ୍ଧଯାତ୍ରା ନିମିତ୍ତ ସେତୁବନ୍ଧ ବାନ୍ଧିବା ସମୟର ଏକ ଘଟଣା । ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ, ଜାମ୍ବବାନ୍‌ଙ୍କ ସମେତ ସମସ୍ତ ବାନରସେନା ଓ ସ୍ୱୟଂ ମହାବୀର ହନୁମାନ ମଧ ସେତୁ ନିର୍ମାଣ କାର୍ଯ୍ୟରେ ଅବିରତ ଅକ୍ଳାନ୍ତ ପରିଶ୍ରମ କରୁଥାନ୍ତି । ସେତୁବନ୍ଧ ନିମିତ୍ତ ସମସ୍ତ ପଥରରେ ନଳ ନୀଳ 'ରାମ' ଲେଖୁଥାନ୍ତି ଏବଂ ଅନ୍ୟ ସମସ୍ତେ ସେହି ପଥର ଖଣ୍ଡକୁ ନେଇ ଗଭୀର ସମୁଦ୍ରରେ ନିକ୍ଷେପ କରୁଥାନ୍ତି । ଉକ୍ତ ମହାନ୍ ଓ ପବିତ୍ର ସେତୁ ନିର୍ମାଣ କାର୍ଯ୍ୟରେ ଏତେ ଅଧିକ ମାତ୍ରାରେ ସମସ୍ତଙ୍କ ସହଯୋଗ ଦେଖି ନିରୀହ ଗୁଣ୍ଡୁଚି ମୂଷାଟିଏ ତା' କ୍ଷୁଦ୍ର ଅବୟବକୁ ସମୁଦ୍ରପାଣିରେ ଓଦା କରିଦେଇ ବାଲିରେ ଆସି ଗଡ଼ିଯାଉଥାଏ ଏବଂ ସେହି ଓଦା ସରସର ଦେହରେ ଲାଗିଥିବା ବାଲିକୁ ପୁଣି ସେତୁବନ୍ଧ ନିମିତ୍ତ ସମୁଦ୍ରର ଅଥଳ ପାଣିରେ ଝାଡ଼ି ଦେଉଥାଏ । ତା'ର ଏ ମହତ କାର୍ଯ୍ୟ ଓ ସୂକ୍ଷ୍ମତ ବୁଦ୍ଧିକୁ ଦେଖି ସ୍ୱୟଂ ରଘୁକୁଳତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ର ଅତ୍ୟନ୍ତ ଭାବବିହ୍ୱଳ ହୋଇଉଠିଲେ । ତା' ପିଠିକୁ ଅତି ସ୍ନେହରେ ଆଉଁଷି ଦେଇ ଆଶୀର୍ବାଦ କଲେ । ପ୍ରଭୁଙ୍କ ଦିବ୍ୟ ଅଙ୍ଗୁଳି ସ୍ପର୍ଶର ସ୍ମାରକ ସମସ୍ତ ଗୁଣ୍ଡୁଚିମୂଷାଙ୍କ ପିଠିରେ କାଳ କାଳ ପାଇଁ ଅଲିଭା ରହିଗଲା ।

ଏମିତି ଥରେ ସେହି ସ୍ଥାନରେ ବସିଥିବା ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ନିଜେ ପଥର ଖଣ୍ଡେ ତଳୁ ଉଠାଇ ସମୁଦ୍ରବକ୍ଷକୁ ନିକ୍ଷେପ କଲେ; କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନ୍ୟ ସବୁ ପଥର ସମୁଦ୍ରର ଅଗାଧ ଜଳରେ ଭାସୁଥିବାବେଳେ ସେ ନିଜେ ପକାଇଥିବା ପଥରସବୁ ସମୁଦ୍ର ଜଳରେ ଭାସିବା ପରିବର୍ତ୍ତେ ବୁଡ଼ିଯାଉଥିଲା ।



ଏହି ଦୃଶ୍ୟକୁ ଭକ୍ତ ହନୁମାନ ଦେଖିପାରି, ଅବିଳମ୍ବେ ପ୍ରଭୁ ଶ୍ରୀରାମଙ୍କ ପାଖରେ ପହଞ୍ଚି ପଚାରିଲେ, ଆପଣ ଏ କି କାମ କରୁଛନ୍ତି ପ୍ରଭୁ । ଆମେ ସମସ୍ତେ ସେତୁବନ୍ଧ କାମରେ ବ୍ୟସ୍ତ ଥିବାବେଳେ ଆପଣ କାହିଁକି ଏତେବଡ଼ ପଥରଖଣ୍ଡ ଉଠାଇ ନିଜକୁ ଏତେ କଷ୍ଟ ଦେଉଛନ୍ତି ? ଏଥର ପ୍ରଭୁ ଶ୍ରୀରାମଚନ୍ଦ୍ର, ହନୁମାନଙ୍କୁ ପ୍ରଶ୍ନ କଲେ, ତୁମେ ବୁଝାଇପାରିବ, ମୋ ନାମ ଯେଉଁ ପଥର ଉପରେ ଲେଖି ସମୁଦ୍ରକୁ ଫିଙ୍ଗାଯାଉଛି, ସେସବୁ ପାଣିରେ ଭାସୁଛି, ଅଥଚ ମୁଁ ନିଜେ ନାମୀ ହୋଇ ମୋ ନାମ ଲେଖାଯାଇ ନ ଥିବା ପଥରସବୁ ହାତରେ ଫିଙ୍ଗିଲେ ସେସବୁ ସମୁଦ୍ର ଜଳରେ ବୁଡ଼ିଯାଉଛି । ଏହାର ଲୁକ୍କାୟିତ ରହସ୍ୟ କ'ଣ ହୋଇପାରେ ?

ହନୁମାନ ଏ ପ୍ରଶ୍ନ ଶୁଣି ପ୍ରଭୁଙ୍କ ପାଦ ତଳେ ନତଜାନୁ ହୋଇ ଯୋଡ଼ ହସ୍ତରେ ବସିପଡ଼ିଲେ ଏବଂ ଅତି ବିନୀତ ସ୍ୱରରେ କହିଲେ, ପ୍ରଭୁ! ଆପଣ ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା, ବିଶ୍ୱନିୟନ୍ତା । ବିଶ୍ୱବେଦନାର ବୈଦ୍ୟ ଆପଣ । ଆପଣ ହିଁ ଶରଣ ରକ୍ଷଣ, ଜଗତର ତ୍ରାଣକର୍ତ୍ତା ଓ ସମସ୍ତଙ୍କର ଭାଗ୍ୟବିଧାତା । ସକଳ ପାପ, ତାପ, ଦୁଃଖ, କ୍ଲେଶରୁ ଉଦ୍ଧାର ପାଇବା ପାଇଁ ଭକ୍ତମାନେ ଆପଣଙ୍କ ଚରଣକୁ ଆଶ୍ରା କରିଥାନ୍ତି । ଆଶ୍ରିତ ଜନମାନଙ୍କର ଉଦ୍ଧାରକର୍ତ୍ତା ଆପଣ । ତେଣୁ ଆପଣ ଯାହାଙ୍କୁ ଧରିଲେ ସେ ପୃଥିବୀରେ ତିଷ୍ଠି ରହିବେ । ଆପଣଙ୍କ ହାତରୁ ଯିଏ ଗଲା କିମ୍ବା ଆପଣ ଯାହାକୁ କରଯୁଗଳରୁ ଫିଙ୍ଗିଦେଲେ, ସେ ଭବସାଗରରେ ବୁଡ଼ିବ ହିଁ ବୁଡ଼ିବ । ତେଣୁ ଯିଏ ସେତୁବନ୍ଧର ପଥର ଭଳି ଛାତିରେ ରାମ ନାମକୁ ଦୃଢ଼ ଭାବେ ଧାରଣ କରିଛି, ସେ କେବେ ବି ଏ ଭବ ସାଗରରେ ବୁଡ଼ିଯିବ ନାହିଁ । ଏହା ହିଁ ଆପଣଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର ମହାପ୍ରଭୁ । ସତରେ, ରାମଙ୍କଠାରୁ ଆହୁରି ବଡ଼ ରାମ ନାମ । ନିରନ୍ତର ନିର୍ମଳ ଚିତ୍ତରେ ରାମନାମ ଉଚ୍ଚାରଣ ଦ୍ୱାରା ଭକ୍ତ ଅଚିରେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇଥାଏ । ସେଥି ପାଇଁ ସନ୍ଥ ତୁଳସୀ ଦାସ ଗୋସ୍ୱାମୀ ମଧ ତାଙ୍କ ରାମଚରିତ ମାନସ ଗ୍ରନ୍ଥରେ ଲେଖିଛନ୍ତି "ରାମ ନାମ ମନୀ ଦୀପଧର, ଜୀହଦେହରିଦ୍ୱାର ତୁଲସୀ ଭିତର ବାହାର, ଜୋ ଚାହସି ଉଜୀୟାର ।" ଅର୍ଥାତ୍- ରାମ ନାମ ରୂପକ ଅମୂଲ୍ୟ ମଣିଦୀପକୁ ଜିହ୍ୱା ରୂପକ ଦ୍ୱାର ବନ୍ଧରେ ଧରି ରଖି, ଯଦ୍ୱାରା ମଣିଷର ଭିତର ଓ ବାହାର ଉଭୟ ପବିତ୍ର ହୋଇଯିବ ।

ବର୍ଷ ୨୭, ସଂଖ୍ୟା- ୩୦, ୨୩ - ୨୯ ଜୁଲାଇ ୨୦୨୩

# ନିଜକୁ ପ୍ରସ୍ତୁତ କରିବାର ସମୟ ଆସିଛି

୨୦୨୩ରେ ସାରା ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ)କୁ ନେଇ ଏକ ବଡ଼ ଧରଣର ଆନ୍ଦୋଳନ ସାଧାରଣ ଜନତାଙ୍କ ଦୃଷ୍ଟି ଆଢୁଆଳରେ ବେଶ ଜୋର୍‌ସୋରରେ ଚାଲିଛି ।

ସିଧାସଳଖ କହିବାକୁ ଗଲେ କୃତ୍ରିମ ବୁଦ୍ଧିମତା ହେଉଛି ଏପରି ଏକ ବ୍ୟବସ୍ଥା ଯାହା କମ୍ପ୍ୟୁଟର ମାଧ୍ୟମରେ ତଥ୍ୟର ଅନୁଶୀଳନ ଏବଂ ବିଶ୍ଳେଷଣ କରି ଏପରି ଏକ ନୂଆ ବ୍ୟବସ୍ଥା ତିଆରିକରେ ଯାହା ମଣିଷର ପରିବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ । ଇଣ୍ଟରନେଟ୍‌ ଥିବା ଲକ୍ଷ ଲକ୍ଷ ୱେବ୍‌ସାଇଟ୍‌ରୁ ନିମିଷକ ମଧ୍ୟରେ ତଥ୍ୟ ସଂଗ୍ରହକରି ଏହାର ସାରାଂଶକୁ ଆପଣଙ୍କ ଆଗରେ ଥୋଇବାକୁ ସକ୍ଷମ । ପୁଣି ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାରକରି ତିଆରି ହେଉଥିବା ଚାଟ୍‌ ବଟ୍‌ ବା ଚାଟ୍‌ ଜିପିଟି ଏତେ ତ୍ୱରିତ ବେଗରେ କାମ କରୁଛି ଯେ ଏହା ଲୋକଙ୍କର ଜୀବିକା ପାଇଁ ସଙ୍କଟ ସୃଷ୍ଟି କଲାଣି । ଏହା ଲୋକଙ୍କର ଜୀବିକାକୁ ପ୍ରଭାବିତ କରିବାର କ୍ଷମତା ରଖିଛି ।

କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବଜାର ପ୍ରବେଶ ଫଳରେ ଏବେ ହଜାର ହଜାର ଲୋକ ନିଜର ଜୀବିକା ହରାଇବାକୁ ଯାଉଛନ୍ତି । ନିବେଶ ଫାର୍ମ ଗୋଲ୍ଡମ୍ୟାନ୍‌ ସାମ୍‌ ରିପୋର୍ଟ ଅନୁଯାୟୀ ଆଗାମୀ କିଛି ବର୍ଷ ମଧ୍ୟରେ ସାରା ବିଶ୍ୱରେ ପ୍ରାୟ ୩୦ କୋଟି ଚାକିରି ପ୍ରଭାବିତ ହେବ । ଶିକ୍ଷକତା, ଲେଖକ, ପରିଚାଳକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ଅନେକ ଲୋକ ଏଥିରେ ପ୍ରଭାବିତ ହେବେ । ମୋଟ୍‌ ଉପରେ ଲୋକ ସିଧାସଳଖ କାମ ଏବଂ ଜ୍ଞାନ କୃତ୍ରିମ ବୁଦ୍ଧିମତ୍ତା ବିଶିଷ୍ଟ ଆପ୍‌ କିମ୍ବା ସଫ୍ଟୱେରରୁ ହାସଲ କରିନେବେ ଏବଂ ଏଥିପାଇଁ ଆଉ ମାଧ୍ୟମର ଆବଶ୍ୟକତା ରହିବ ନାହିଁ । ସାରା ବିଶ୍ୱରେ ମୋଟାମୋଟି ୯୫% ଚାକିରି କୌଣସି ନା କୌଣସି ଉପାୟରେ ପ୍ରଭାବିତ ହେବ । ଏଥିପାଇଁ ଏବେ ସାରା ପୃଥିବୀରେ କୋକୁଆ ଭୟ ଖେଳିଯାଇଛି । ଆଇଟି ପରି କ୍ଷେତ୍ରରେ କାମ କରୁଥିବା ଲୋକ ଯେଉଁମାନେ କୋଚିଂ ଇତ୍ୟାଦି କରନ୍ତି ସେମାନଙ୍କ କ୍ଷେତ୍ରରେ ବ୍ୟାପକ ଛଟେଇ ଦେଖାଦେଉଛି । ମୋଟ ଉପରେ ଆଗାମୀ ୬ମାସ ପରେ ନିଯୁକ୍ତି କ୍ଷେତ୍ର ସଙ୍କୁଚିତ ହେବ ଏବଂ ସାରା ଦୁନିଆକୁ ଏଆଇ କବଳିତ କରିବ ବୋଲି ଜଳଜଳ ଦେଖାଦେଲାଣି ।

ତେବେ ଦୁର୍ଯୋଗ ଯେଉଁଠି ସୁଯୋଗ ବି ସେଇଠି ଥାଏ । କୁହାଯାଉଛି ଯେଉଁମାନେ ଏଆଇ ସମ୍ପର୍କିତ ବିଷୟବସ୍ତୁ ଉପରେ ତାଲିମ ପାଇଥିବେ ସେମାନେ ଏଆଇର ସହାୟତାରେ ଏଆଇକୁ ହରାଇପାରିବେ । ଘୋଡ଼ା କିମ୍ବା ହାତୀ ମଣିଷଠୁ ଶକ୍ତିଶାଳୀ ହେଲେ ବି ସେମାନଙ୍କୁ କାଇଦାରେ ରଖିବାକୁ ତାଲିମ ପାଇଥିବା ମଣିଷ ଆଗରେ ସେମାନେ ବୋଲମାନି ରହିବାକୁ ବାଧ୍ୟ ହୁଅନ୍ତି । ସେହିପରି ଏବେଠୁ ଯେଉଁମାନେ ଏଆଇକୁ ନେଇ ଭୟଭୀତ ସେମାନେ ଯଦି ସେନେଇ ତାଲିମ ନେବେ ଏବଂ ଦ୍ରୁତଭାବେ ପରିବର୍ତ୍ତନଶୀଳ ପୃଥିବୀରେ ନିଜକୁ ଆଗରେ ରଖିପାରିବେ ତେବେ ସେମାନେ ଏ ଯୁଦ୍ଧରେ ବିଜୟଲାଭ କରିପାରିବେ । କୁହାଯାଏ, ମଣିଷର ମସ୍ତିଷ୍କର କ୍ଷମତାକୁ ଆହ୍ୱାନ କଲା ପରି କୌଣସି ଶକ୍ତି ଏଯାଏ ଆତ୍ମପ୍ରକାଶ କରିପାରିନାହିଁ । ଏଆଇକୁ ପ୍ରସଙ୍ଗରେ ନିର୍ଦ୍ଦେଶ ଦେବା, ସେଥିରୁ ତଥ୍ୟ ବାହାର କରିବା ଏବଂ ତଥ୍ୟର ଉପଯୋଗକରି ମାନବ କଲ୍ୟାଣ ପାଇଁ ନୂଆ ନୂଆ ଯୋଜନା କରିବା ନିମନ୍ତେ ଶେଷରେ ମଣିଷର ମସ୍ତିଷ୍କଟିଏ ଦରକାର । ଏଣୁ ଯେଉଁମାନେ ଏବେ ବି ମଣିଷ ସମାଜ ପାଇଁ ଚିନ୍ତା କରନ୍ତି, ଯୋଜନା କରନ୍ତି ଏବଂ ନିଜର ଜୀବନକୁ ସେଦିଗରେ ସମର୍ପିତ ବୋଲି ଭାବନ୍ତି ସେମାନଙ୍କୁ ଏବେ ଏଆଇ କର୍ମକ୍ଷେତ୍ରରୁ ହଟାଇ ପାରିବ ନାହିଁ ।

ପ୍ରକୃତ କଥା ହେଉଛି, କମ୍ପ୍ୟୁଟର କ୍ରମ ବିବର୍ତ୍ତନ ପ୍ରଥମ କିଛି ବର୍ଷ ଧରି ବେଶ୍‌ ଧୀର ଥିଲା ଏବଂ ଭାରତ ବର୍ଷ ଏହାକୁ ବହୁ ବିଳମ୍ବରେ ଗ୍ରହଣ କରିଥିଲା । ଏଣୁ ଆମ ଦେଶରେ ଆଜି କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ପ୍ରଚଳନ ଅନେକ ଜାଗାରେ ହୋଇପାରି ନାହିଁ । ଅପରପକ୍ଷରେ ଦୁବାଇ ଏବଂ ଜାପାନ ଭଳି ଦେଶରେ ସବୁ କାମ କମ୍ପ୍ୟୁଟରରେ ହେଉଛି । ସେମାନଙ୍କର କର୍ମଦକ୍ଷତା ଆମ ଦେଶ ତୁଳନାରେ କାହିଁ କେତେ ଆଗରେ । ତେବେ ଏଆଇର ବିବର୍ତ୍ତନ ବେଶ୍‌ ଦ୍ରୁତ ଏବଂ ଏହା ଖୁବ୍‌ ଦ୍ରୁତ ଗତିରେ ବ୍ୟାପୁଛି । ଏହାକୁ ନଜର ନ ଦେଲେ ଭାରତ ବିଶ୍ୱ ମାନଚିତ୍ରରେ ପଛରେ ରହିଯିବେ ।

ପ୍ରତି ପରିବର୍ତ୍ତନ ସମାଜ ଏବଂ ବ୍ୟବସ୍ଥା ଉପରେ ପ୍ରଭାବ ପକାଏ । ଏହି ପରିବର୍ତ୍ତନର ଆହ୍ୱାନକୁ ସ୍ୱୀକାର କରି ଏଥିରେ ସାମିଲ ହୋଇ ନିଜକୁ ପ୍ରସ୍ତୁତ କରିବା ହିଁ ଆମ ସମସ୍ତଙ୍କ ପାଇଁ ବେଶ୍‌ ଉପଯୋଗୀ ହେବ । ଯଦି ଏଆଇର କ୍ଷମତା ଏବଂ ଦକ୍ଷତାକୁ ନଜର ଅନ୍ଦାଜ କରି ଆମେ ନିଜକୁ ପ୍ରସ୍ତୁତ ନ କରିବା ତେବେ ଆଗାମୀ ଦିନରେ ଆମ ଚାକିରି କେବଳ ଆମ ପାଇଁ ହିଁ ଯିବ । ତେବେ ଏବେଠୁ ନିଜକୁ ପ୍ରସ୍ତୁତ କରିନେବାର ସମୟ ଆସି ପହଞ୍ଚିଛି ।

# ଅନ୍ତରର ବାଣୀ

## ମହାତ୍ମା ଗାନ୍ଧୀ



ଜୀବନରେ ଏଭଳି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି କେତେକ ବିଷୟ ଲାଗି ବାହାରୁ କୌଣସି ପ୍ରମାଣ ପାଇବା ଆଦୌ ଆବଶ୍ୟକ ହୁଏନାହିଁ । ଭିତରୁ ଥାଇ ସାନ କଣ୍ଠସ୍ୱରଟିଏ ଆମକୁ କହିବାକୁ ଲାଗେ, 'ତୁ ଠିକ ବାଟରେ ଯାଉଛୁ, ବାଆଁ ବା ଡାହାଣ କୌଣସି ଦିଗକୁ ବଙ୍କାଇବାର କୌଣସି ଆବଶ୍ୟକତା ନାହିଁ; ତୁ କେବଳ ସେହି ସିଧା ଓ ଅଣଓସାରିଆ ବାଟଟିରେ ଚାଲୁଥା ।

ଜୀବନରେ ଏପରି ଗୋଟିଏ ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି ତୁମର ସର୍ବୋତ୍ତମ ବନ୍ଧୁମାନେ ତୁମର ମତକୁ ସମର୍ଥନ କରୁନଥିଲେ ମଧ ଗୋଟିଏ କାର୍ଯ୍ୟକୁ ଅବଶ୍ୟ କରିବାକୁ ହୁଏ । କର୍ତ୍ତବ୍ୟ ବିଷୟରେ କୌଣସି ଦ୍ୱନ୍ଦ ଉପସ୍ଥିତ ହେବା ସମୟରେ ତୁମ ଭିତରେ ରହିଥିବା ସେହି 'ସ୍ଥିର କ୍ଷୁଦ୍ର କଣ୍ଠସ୍ୱର'ଟି ହିଁ ତୁମପାଇଁ ନିଷ୍ପତ୍ତି ଅବଶ୍ୟ ନେଇ ପାରୁଥିବ ।

ଆତ୍ମଶୁଦ୍ଧତା ହାସଲ କରିବା ପାଇଁ ଏକ ଅବିରାମ ପ୍ରଚେଷ୍ଟା କରିଥିବାରୁ ମୁଁ ମୋ ଭିତରେ ଥିବା ସେହି ସ୍ଥିର କ୍ଷୁଦ୍ର କଣ୍ଠ ସ୍ୱରଟିର କଥାକୁ ନିର୍ଭୁଲ ଏବଂ ସ୍ପଷ୍ଟ ଭାବରେ ଶୁଣି ପାରିବା ନିମନ୍ତେ କି ସାମର୍ଥ୍ୟ ଅର୍ଜନ କରିପାରିଛି ।

ଭାରତରେ ଥିବା ସେହି ସ୍ଥିର କ୍ଷୁଦ୍ର କଣ୍ଠ ସ୍ୱରଟିର କଣ୍ଠକୁ ରୁଦ୍ଧ କରିଦେଲେ ମୁଁ ସେହି ମୁହୂର୍ତ୍ତରୁ ହିଁ ମୋର ସକଳ ଉପଯୋଗିତାକୁ ହରାଇ ବସିବି ।'

ପ୍ରାୟଶ୍ଚିତ୍ତଗୁଡ଼ିକୁ ମୁଁ ଆଦୌ ଯାନ୍ତ୍ରିକ ଭାବରେ କରେନାହିଁ । ଭିତରେ ରହିଥିବା ସେହି ବାଣୀଟିର ନିର୍ଦ୍ଦେଶ ମାନି ହିଁ ସେଗୁଡ଼ିକୁ କରିଯାଏ ।

ଜଣେ ବ୍ୟକ୍ତିର ଜୀବନରେ ପ୍ରକୃତରେ ଏଭଳି କିଛି ଘଟୁ ନ ଥିଲେ ମଧ ସେ ଦିବ୍ୟ ପ୍ରେରଣା ଦ୍ୱାରା ଅଥବା ତା ଅନ୍ତରସ୍ଥ ବାଣୀଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିଛି ବୋଲି ମିଥ୍ୟା ଦାବି କରିବସିଲେ କୌଣସି ପାର୍ଥିବ ପ୍ରଭୁସତ୍ତାର କର୍ତ୍ତୃତ୍ୱକୁ ମାନି କାର୍ଯ୍ୟ କରୁଛି ବୋଲି ଦାବି କରୁଥିବା ଲୋକର ଦଶାଠାରୁ ତାହାର ଦଶା ଅଧିକ ଶୋଚନୀୟ ହୋଇପଡ଼ିବ । ଦ୍ୱିତୀୟ ବ୍ୟକ୍ତିଟି ଧରା ପଡ଼ିଗଲେ କେବଳ ତା' ଶରୀର ଉପରେ କୌଣସି ଆଘାତ ପାଇ ରକ୍ଷାପାଇଯିବ ସିନା, ଦ୍ୱିତୀୟ ବ୍ୟକ୍ତି ହୁଏତ ଉଭୟ ଶରୀର ଏବଂ ଆତ୍ମାର କ୍ଷେତ୍ରରେ ନଷ୍ଟ ହୋଇଯିବ । ଉଦାର ସମୀକ୍ଷକମାନେ ମୋ'ଠାରେ କୌଣସି ଶଠତାର ଆରୋପ କରନ୍ତି ନାହିଁ ସତ, ମାତ୍ର କହିବାକୁ ଇଚ୍ଛା କରନ୍ତି ଯେ ମୁଁ ହୁଏତ କୌଣସି ମୋହ ବା ଭ୍ରମର ବଶବର୍ତ୍ତୀ ହୋଇ ହିଁ କାର୍ଯ୍ୟ କରୁଛି । ଯଦି ମୁଁ ପ୍ରକୃତରେ ମିଥ୍ୟା ଦାବି କରୁଥାନ୍ତି, ତେବେ ତାହାର ଫଳ ଯାହା ହୁଅନ୍ତା, ଏହିକ୍ଷେତ୍ରରେ ମଧ ତାହାର ଫଳ ଆଦୌ ଖୁବ୍‌ବେଶୀ ଭିନ୍ନ ହେବନାହିଁ । ମୋ' ଭଳି ଜଣେ ବିନମ୍ର ଅନ୍ୱେଷଣକାରୀକୁ ଅତ୍ୟନ୍ତ ଅଧିକ ସାବଧାନ ହୋଇ ରହିବାକୁ ପଡ଼ିବ, ଭଗବାନ ସ୍ୱୟଂ ତା'ର ମାର୍ଗ ପ୍ରଦର୍ଶନ କରିବା ପୂର୍ବରୁ ତା'କୁ ନିଜକୁ ଶୂନ୍ୟସଂଖ୍ୟାକୁ ହିଁ ହ୍ରାସ କରି ଆଣିବାକୁ ପଡ଼ିବ । ଏହି ବିଷୟରେ ମୁଁ ଆଉ ଅଧିକ କିଛି କହିବିନାହିଁ ।

ଏହି କ୍ଷେତ୍ରରେ ମୋହ ଅଥବା ଭ୍ରମର କୌଣସି ସ୍ଥାନ ଆଦୌ ନାହିଁ । ମୁଁ ଏକ ଅତ୍ୟନ୍ତ ସରଳ ବୈଜ୍ଞାନିକ ସତ୍ୟର ଉପସ୍ଥାପନା କରିଛି ଆବଶ୍ୟକ ଯୋଗ୍ୟତାଟିକୁ ହାସଲ କରି ପାରିବାଲାଗି ଯେଉଁମାନଙ୍କର ଯଥାର୍ଥ ଇଚ୍ଛା ଏବଂ ଧୈର୍ଯ୍ୟ ରହିଛି, ସେମାନେ ସେହି ସତ୍ୟଟିକୁ ଅବଶ୍ୟ ପରୀକ୍ଷା କରି ଦେଖିବେ । ଯଦି ଉପଯୁକ୍ତ ସଂକଳ୍ପଶକ୍ତି ରହିଥିବ, ତେବେ ସେଗୁଡ଼ିକୁ ବୁଝିବା ଅବିଶ୍ୱସନୀୟ ଭାବରେ ସହଜ ହେବ ଏବଂ ସହଜରେ ଅର୍ଜନ ମଧ କରାଯାଇ ପାରିବ ।

ତୁମେ ଆଉ କାହା ଉପରେ ନୁହେଁ, ନିଜ ଉପରେ ହିଁ ବିଶ୍ୱାସ ରଖୁଥିବ । ତୁମେ ନିଜ ଅନ୍ତରର ବାଣୀକୁ ଶୁଣି ପାରିବାକୁ ଅବଶ୍ୟ ଚେଷ୍ଟା କରିବ । ମାତ୍ର, ଯଦି 'ଅନ୍ତରର ବାଣୀ' କଥାଟି ତୁମକୁ ଅଡୁଆ ଲାଗୁଥାଏ, ତେବେ ତୁମେ ତାହାକୁ ବିବେକର ନିର୍ଦ୍ଦେଶ ବୋଲି ମଧ କହିପାରିବ । ତୁମେ କାହାରି କଥାଟିକୁ ମାନିବ ଏବଂ ଯଦି ତୁମେ ଏହି କ୍ଷେତ୍ରରେ ଭଗବାନ ତୁମ ଭିତରେ ରହି କଥା କହୁଛନ୍ତି ବୋଲି କହିବାକୁ ମନ କରିବ, ତେବେ ଆଉ କୌଣସି ଉପାଦାନର ନିର୍ଦ୍ଦେଶରେ ଏପରି ହେଉଛି ବୋଲି ତୁମେ ଅବଶ୍ୟ କହିବ ବା ଅନୁଭବ କରୁଥିବ ଏବଂ ଶେଷରେ ତାହା ହିଁ ଭଗବାନ ବୋଲି ପ୍ରମାଣିତ ହେବ । କାରଣ, ଏହି ବିଶ୍ୱବ୍ରହ୍ମାଣ୍ଡରେ ସୌଭାଗ୍ୟବଶତଃ ସେହି ଭଗବାନଙ୍କ ବ୍ୟତୀତ ଆଉ କେହି ନାହାନ୍ତି ଓ କୌଣସି ବସ୍ତୁ ନାହିଁ । ମୁଁ ଏହି କଥାଟିକୁ ଅବଶ୍ୟ କହିବି ଯେ, ଅନ୍ତରସ୍ଥ ବାଣୀର ନିର୍ଦ୍ଦେଶରେ କାର୍ଯ୍ୟ କରୁଛି ବୋଲି ଦାବି କରୁଥିବା ପ୍ରତ୍ୟେକ ବ୍ୟକ୍ତି ଭିତରେ ସେହିପରିଏକ ନିର୍ଦ୍ଦେଶନା ପ୍ରକୃତରେ କାର୍ଯ୍ୟ କରୁଥାଏ । ଯାବତୀୟ ଅନ୍ୟ ସାମର୍ଥ୍ୟ ଗଳି ଭିତରେ ଥିବା ସେହି ସ୍ଥିର କ୍ଷୁଦ୍ର ବାଣୀର ନିର୍ଦ୍ଦେଶଟିକୁ ଶୁଣି ପାରିବାର ସାମର୍ଥ୍ୟ ନିମନ୍ତେ ମଧ ଆଗରୁ ପ୍ରୟାସ କରିବାକୁ ଏବଂ ଅନୁରୂପ ପ୍ରଶିକ୍ଷଣ ନେବାକୁ ହୋଇଥାଏ । ସମ୍ଭବତଃ ଆଉ ଅନ୍ୟ କୌଣସି ସାମର୍ଥ୍ୟ ଅର୍ଜନ କରିବାର ବେଳ ଅପେକ୍ଷା ଏହି କ୍ଷେତ୍ରରେ ସେଗୁଡ଼ିକୁ ଅଧିକ କରିବାକୁ ହୋଇଥାଏ । ଦାବି କରୁଥିବା ହଜାରେ ବ୍ୟକ୍ତିଙ୍କ ମଧ୍ୟରୁ ହୁଏତ ମାତ୍ର ଅଳ୍ପ କେତେଜଣ ଆପଣାର ଦାବିକୁ ପ୍ରତିପାଦିତ କରିବାରେ ସଫଳ ହେଉଥିଲେ ମଧ, ଯେଉଁମାନଙ୍କର ଦାବିରେ ବିଶ୍ୱାସ କରି ହେଉ ନ ଥାଏ, ସେମାନଙ୍କୁ ମଧ ସ୍ୱୀକାର ଏବଂ ସହ୍ୟ କରିନେବାରେ ତଥାପି ଏକ ଔଚିତ୍ୟ ରହିଥାଏ ।

କେତେକ ବ୍ୟକ୍ତି ଆପଣାର ଅନ୍ତରର ବାଣୀଟିକୁ ଯେ ଅବଶ୍ୟ ଶୁଣୁଥିବେ, ମୋ' ଜାଣିବାରେ କେହି ସେହି ସମ୍ଭାବନାଟି ବିଷୟରେ ସନ୍ଦେହ ବ୍ୟକ୍ତ କରିନାହାନ୍ତି । ଅନ୍ତରର ବାଣୀଠାରୁ ନିର୍ଦ୍ଦେଶ ପାଇ କଥା କହୁଛି ବୋଲି ଦାବି କରୁଥିବା ଜଣେ ବ୍ୟକ୍ତିର କଥା ମଧ ପ୍ରକୃତ ହୋଇଥିଲେ ତାହା ପୃଥିବୀ ଲାଗି ଅବଶ୍ୟ ଲାଭଜନକ ହେବ । ହୁଏତ ଅନେକ ବ୍ୟକ୍ତି ସେହି ଦାବି କରିବେ, ମାତ୍ର ସମସ୍ତେ ତାହାକୁ କଦାପି ସିଦ୍ଧ କରି ପାରିବେନାହିଁ । ମାତ୍ର, ମିଛ ଦାବି କରୁଥିବା ଲୋକମାନଙ୍କୁ ନିବୃତ୍ତ କରି ରଖିବା ପାଇଁ ସେହି ଦାବିକୁ କଦାପି ଦବାଇ ଦିଆଯାଇ ପାରିବନାହିଁ, ଦବାଇବା ଉଚିତ୍‌ ମଧ ହେବନାହିଁ ।

ଯଦି ଅନେକ ମନୁଷ୍ୟ ସତକୁ ସତ ଅନ୍ତରବାଣୀର ପ୍ରତିନିଧିତ୍ୱ କରନ୍ତି, ସେଥିରେ ଆଦୌ କୌଣସି ବିପଦ ଘଟିବାର ଆଶଙ୍କା ନାହିଁ । ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, କପଟାଚରଣକୁ ବନ୍ଦ କରିବା ଲାଗି ଆଦୌ କୌଣସି ପ୍ରତିକାରନଥାଏ । ଅନେକ ମନୁଷ୍ୟ ଗୁଣର ଅଧିକାରୀ ବୋଲି ନିଜକୁ ଛଳନା କରି ଦେଖାଇବେ ବୋଲି ଗୁଣକୁ ଦାବିଦେବା କଦାପି ଉଚିତ୍‌ ହେବନାହିଁ । ନିଜ ଅନ୍ତରବାଣୀର ନିର୍ଦ୍ଦେଶରେ କଥା କହୁଛନ୍ତି ବୋଲି ଦାବି କରୁଥିବା ମନୁଷ୍ୟମାନେ ସର୍ବଦା ପୃଥିବୀ ସାରା ରହି ଆସିଛନ୍ତି । ମାତ୍ର, ସେମାନଙ୍କର ଅଳ୍ପକାଳ ସ୍ଥାୟୀ କାର୍ଯ୍ୟକଳାପ ଦ୍ୱାରା ଏପର୍ଯ୍ୟନ୍ତ ପୃଥିବୀ ଆଦୌ ପୋତିହୋଇ ପଡ଼ିନାହିଁ ।

ଜଣେ ବ୍ୟକ୍ତି ସେହି ବାଣୀକୁ ଶୁଣିବାଲାଗି ସମର୍ଥ ହେବା ପୂର୍ବରୁ ତାକୁ ଦୀର୍ଘକାଳଲାଗି ଏକ ବେଶି କଠିନ ପ୍ରଶିକ୍ଷଣ ମଧ୍ୟଦେଇ ଗତି କରିବାକୁ ପଡ଼ିବ ଏବଂ, ଯେତେବେଳେ ଅନ୍ତରର ବାଣୀ ହିଁ କଥା କହିବାକୁ ଆରମ୍ଭ କରିବ, ସେତେବେଳେ ତାହାକୁ ଚିହ୍ନିବାରେ ଆଦୌ ଭୁଲ ହେବନାହିଁ । ଆମେ ପୃଥିବୀକୁ କଦାପି ଚିରକାଳଲାଗି ବୋକା ବନାଇବାରେ ସଫଳ ହେବା ନାହିଁ । ତେଣୁ ମୋ' ଭଳି ନମ୍ର ବ୍ୟକ୍ତିଟିଏ ଦବିଯିବାକୁ ଚାହୁଁନାହିଁ ଓ ନିଜ ଅନ୍ତର ବାଣୀକୁ ଶୁଣିଛି ବୋଲି ବିଶ୍ୱାସ କରୁଥିବାରୁ ତାହାର କର୍ତ୍ତୃତ୍ୱ ଦାବି କରିବାକୁ ସାହସ କରୁଛି ବୋଲି ପୃଥିବୀରେ ଅରାଜକତା ସୃଷ୍ଟି ହେବାର ଆଦୌ କୌଣସି ଆଶଙ୍କା ନାହିଁ ।

ଈଶ୍ୱରଙ୍କର ବାଣୀ ମୁଁ ଶୁଣି ପାରୁଛି ବୋଲି ଯେ ମୁଁ ନୂଆ ହୋଇ ଦାବି କରୁଛି, ସେ କଥା ଆଦୌ ନୁହେଁ । ଦୁର୍ଭାଗ୍ୟର ବିଷୟ ଏହି ଯେ, ପରିଣାମ ଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ମୁଁ ମୋ'ର ସେହି ଦାବିଟିକୁ ପ୍ରମାଣ କରି ଦେଖାଇ ଦେଇ ପାରିବିନାହିଁ । ଯଦି ଭଗବାନ ତାଙ୍କଦ୍ୱାରା ସୃଷ୍ଟ ଜୀବମାନଙ୍କର ଏକ ପ୍ରମାଣର ବସ୍ତୁ ହୋଇ ରହିବାକୁ ଅନୁମତି ଦିଅନ୍ତି, ତେବେ ସେ ଆଉ କଦାପି ଭଗବାନ ହୋଇ ରହିବେ ନାହିଁ । ମାତ୍ର, ଅଧିକରୁ ଅଧିକ ଭୟଙ୍କର ଅଗ୍ନିପରୀକ୍ଷାକୁ ଅତିକ୍ରମ କରିବା ନିମନ୍ତେ ସେ ତାଙ୍କର ଜଣେ ସ୍ୱେଚ୍ଛାପ୍ରଣୋଦିତ ଭୃତ୍ୟକୁ ଅବଶ୍ୟ ଯଥେଷ୍ଟ ଶକ୍ତି ଦେଇଥାନ୍ତି । ଅଧିକରୁ ଅଧିକ କାମ ଆଦାୟ କରୁଥିବା ଏହି ପରମ ମାଲିକଙ୍କ ପାଖରେ ମୁଁ ଗତ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ହେଲା ଜଣେ ସ୍ୱେଚ୍ଛାପ୍ରଣୋଦିତ ଭୃତ୍ୟ ହୋଇ ରହିଛି । ବର୍ଷପରେ ବର୍ଷ ଅତିବାହିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ତାଙ୍କର କଥା ମୋ' ଲାଗି ଅଧିକରୁ ଅଧିକ ଶ୍ରୁତିଗୋଚର ହୋଇଛି । କାଳିମାତମ ସମୟରେ ମଧ ସେ ମୋତେ କେବେ ଛାଡ଼ି ଚାଲିଯାଇ ନାହାନ୍ତି । ସେ ମୋତେ ଅନେକ ସମୟରେ ମୋ' ନିଜଠାରୁ ସୁରକ୍ଷିତ ରଖିଛନ୍ତି ଏବଂ ମୋ' ଭିତରେ ସ୍ୱାଧୀନତା ସହିତ ବାଟ ଚାଲିବାର ଏତେ ଟିକିଏ ଅବଶେଷ ମଧ ରଖିନାହାନ୍ତି । ତାଙ୍କ ପାଖରେ ମୁଁ ନିଜକୁ ଯେତିକି ଅଧିକ ପରିମାଣରେ ସମର୍ପିତ କରିଦେଇ ପାରିଛି, ମୁଁ ସେତିକି ଅଧିକ ଆନନ୍ଦର ଅଧିକାରୀ ହୋଇଛି ।

# ବ୍ଲଡ଼ପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ଅଳେଇଚରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷ ଭାବରେ ଜଣେ ବ୍ଲଡ଼ପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ ପ୍ରତିଦିନ ଖାଇଲେ ବ୍ଲଡ଼ପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲସ୍‌ ରେଟ୍‌ ଠିକ୍‌ ରହିଥାଏ । କିଡ଼ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମ୍‌ର ଅନ୍ୟତମ ଉତ୍ସ ହେଲା ଅଳେଇଚ ।



# ସ୍ୱର୍ବେଦ

**ଜୋ ଶ୍ରଦ୍ଧା ପ୍ରଭୁ ମିଲନ କା,**
**ଦର୍ଶନ କା ଚିତଚାୱ୍ୱ ।**
**ମନ ପରଦସ କୋ ତାଲିୟେ,**
**ଉପର ଝାପ ହଟାୱ୍ୱ ॥୧୬॥**

ଭାଷ୍ୟ - ଯଦି ପ୍ରଭୁପ୍ରାପ୍ତି କରିବାର ଇଚ୍ଛା ଅଛି ଆଉ ତାଙ୍କ ଦର୍ଶନର ଇଚ୍ଛା ରହିଛି ତେବେ ମନର ସମସ୍ତ ଖରାପ ବିଷୟପ୍ରବାହକୁ ବନ୍ଦ କରିଦିଅନ୍ତୁ ଏବଂ ଉପରେ ଯେଉଁ ବନ୍ଦ ଦ୍ୱାର ଅଛି, ତାହାର ଢାଙ୍କୁଣିକୁ ହଟେଇ ଦିଅନ୍ତୁ । ମନକୁ ପବିତ୍ର କରି ଗୁରୁମାର୍ଗ ଦ୍ୱାରା ଅଗ୍ରସର ହୋଇ ଉପରର ଦ୍ୱାରାକୁ ଖୋଲି ଦିଅନ୍ତୁ, ତେବେ ପ୍ରଭୁ ପ୍ରାପ୍ତିର ସତ୍‌ମାର୍ଗ ଉନ୍ମୁକ୍ତ ହେବ ।

**ସଚ ୱ୍ୱିରହୀ ପ୍ରଭୁ ମିଲନ କା,**
**ତ୍ୟାଗ ଦେହ ଅଭିମାନ ।**
**ଅନ୍ତର ଗ୍ରନ୍ଥିନ ଖୋଲିୟେ, ହଁସ**
**ଦଶା ସନମାନ ॥୧୭॥**

ଭାଷ୍ୟ - ପ୍ରଭୁ ପ୍ରାପ୍ତି ନିମନ୍ତେ ସଚ୍ଚୋଟ ପ୍ରେମୀ ଦେହ ସଂଘାତର ଅଭିମାନକୁ ତ୍ୟାଗକରି ଅନ୍ତରର ଗ୍ରନ୍ଥିଗୁଡ଼ିକୁ ଖୋଲି ଦିଅନ୍ତୁ ଆଉ ନିଜର ଶୁଦ୍ଧ ସ୍ୱରୂପର ସମ୍ମାନକୁ ପ୍ରାପ୍ତ କରନ୍ତୁ ।

**ଜିନ ଖୋଜା ତିନ ପାଇୟା,**
**ଅନ୍ତର ଘଟ କେ ମାହିଁ ।**
**ବ୍ରହ୍ମୱ୍ୱିଦ୍ୟା ପରକାଶ ମେଁ, ୟୋଗ**
**ୟୁକ୍ତି ରତ ମାହିଁ ॥୧୮॥**

ଭାଷ୍ୟ - ଯେଉଁମାନେ ବ୍ରହ୍ମବିଦ୍ୟା ପ୍ରକାଶରେ ସଦ୍‌ଗୁରୁ ଭେଦ ସାଧନା ଦ୍ୱାରା ଅନୁରକ୍ତ ହୋଇ ସେହି ପରମପ୍ରଭୁଙ୍କର ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଛନ୍ତି, ସେହିମାନେ ଏହି ଦେହ-ସଂଘାତ ଭିତରେ ନିଜେ ତାଙ୍କୁ




ପ୍ରାପ୍ତ ହୋଇଛନ୍ତି ।

**ବିନୁ ୱ୍ୱିଶ୍ୱାସ ନ ଭଛି ହେଁ, ବିନୁ**
**ୱ୍ୱିଶ୍ୱାସ ନ ନାମ ।**
**ବିନୁ ୱ୍ୱିଶ୍ୱାସ ନ ଜ୍ଞାନ ହେଁ, ସିଦ୍ଧ**
**ନ କୱ୍ୱନୋ କାମ ॥୧୯॥**

ଭାଷ୍ୟ - ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ବିଶ୍ୱାସ ବିନା ଭକ୍ତି ହୋଇ ନ ଥାଏ । ବିଶ୍ୱାସ ବିନା ଭଜନ ହୋଇ ନ ଥାଏ, କିମ୍ବା ବିଶ୍ୱାସ ବିନା ଜ୍ଞାନ, ସିଦ୍ଧି ଅଥବା କାମନା ସୁଦ୍ଧା ପ୍ରାପ୍ତ ହୋଇ ନ ଥାଏ ।

**ପୂର୍ଣ୍ଣ ଭାୱ୍ୱ ୱ୍ୱିଶ୍ୱାସ ହିଁ, ସଦ୍‌ଗୁରୁ**
**ଚରଣ ପ୍ରତାପ ।**
**ତବ ଅନ୍ତର ଲୱ୍ୱ ଲାଗଈ,**
**ଅନରଟ ଭରମ ପ୍ରଲାପ ॥୨୦॥**

ଭାଷ୍ୟ - ଯେତେବେଳେ ସଦ୍‌ଗୁରୁଙ୍କର ଚରଣରେ ପୂର୍ଣ୍ଣ ପ୍ରେମ ତଥା ଭାବ ରହିଥାଏ, ସେତେବେଳେ ତାଙ୍କ ଚରଣର ପ୍ରତାପରୁ ଅନ୍ତର ମଧ୍ୟରେ ପ୍ରେମ ଲାଗିଥାଏ । ଏତଦ୍‌ଭିନ୍ନ ସବୁ ବୃଥା ପ୍ରଳାପ ଅଟେ । ଆଧ୍ୟାତ୍ମ କ୍ଷେତ୍ରରେ ସଦ୍‌ଗୁରୁ ହିଁ ପ୍ରଧାନ ତତ୍ତ୍ୱ ଅଟନ୍ତି । ତାଙ୍କର ଚରଣାଶ୍ରିତ ହେଲେ ନିଜର ଅନୁଭବ ସାଧନ ସଫଳ ହୋଇଥାଏ । ଏହା ଅତିରିକ୍ତ ସାଧନା ପଥରେ ଅଗ୍ରସର ହେବାର ଅନ୍ୟ କୌଣସି ମାର୍ଗ ନାହିଁ । ଅତଏବ ବ୍ୟର୍ଥ ବାକ୍ ବିତଣ୍ଡାରେ ନ ପଡ଼ି ସଦ୍‌ଗୁରୁ ଶରଣାଗତ ହୋଇ ନିଜ କଲ୍ୟାଣ ନିମନ୍ତେ ପ୍ରଭୁଙ୍କର ଭଜନ କରନ୍ତୁ ।

**ମାରଗ ତୋ ଅତି ସୂକ୍ଷ୍ମ ହେଁ,**
**ଲପଟୀଲା ନିରଧାର ।**
**ମାରଗ ତୋ ଅତି ସୂକ୍ଷ୍ମ ହେଁ,**
**ଲପଟୀଲା ନିରଧାର ।**
**ଚାଁଟୀ ପଗ ଠହରତ ନହାଁ, ଅନ୍ତର**
**ଗମ ଚଢ଼ ତାର ॥୨୧॥**

ଭାଷ୍ୟ - ମାର୍ଗ ଅତି ସୂକ୍ଷ୍ମ, ମସୃଣ ଏବଂ ସିଧା ଅଟେ । ସେଠାରେ ପିମ୍ପୁଡ଼ିର ମଧ୍ୟ ପଦଚିହ୍ନ ପଡ଼େ ନାହିଁ । ଆତ୍ମା ତାର ଦ୍ୱାରା ଅନ୍ତର ଗମନ କରି ନିଜ କେନ୍ଦ୍ରକୁ ଚଢ଼ିଯାଏ ।

**ଗାଗର ଉପର ଗାଗରୀ, ଶୂନ୍ୟ**
**ଝାଁପ ପର ଦ୍ୱାର ।**
**ତାର ତଖ୍‌ତ ପର ମାଝନା,**
**ଅନମନ ପୁରୁଷ ଦିଦାର ॥୨୨॥**

ଭାଷ୍ୟ - ମାଠିଆ ଉପରେ ମାଠିଆ ଅଛି, ଅର୍ଥାତ୍ ଅକ୍ଷର ଉପରେ ନିଃଶବ୍ଦ ମଣ୍ଡଳ ଅଛି । ସହଜଶୂନ୍ୟର ଉପରେ ସୁରତିର ଦ୍ୱାର ଅଛି ଆଉ ଦୁହିଙ୍କର ମଧ୍ୟସ୍ଥଳରେ ଢାଙ୍କୁଣି ଲଗା ହୋଇଛି । ତାରର ଶେଷ ଭୂମିରେ ସୁରତିକୁ ସ୍ଥିର କଲେ ଅମନ ଯୋଗୀ ପରମ ପୁରୁଷଙ୍କୁ ପ୍ରତ୍ୟକ୍ଷ କରିଥାଏ ।

**ହଁସ ଦଶା ମେଁ ଆଇୟେ,**
**ମହାଶୂନ୍ୟ ପର ବାଟ ।**
**ଅଷ୍ଟ ଚକ୍ର ଗମ ସୋଧିୟେ,**
**ଉତରୋ ସୁଷମନ ଘାଟ ॥୨୩॥**

ଭାଷ୍ୟ - ହଂସ ଦଶା ଅର୍ଥାତ୍ ନିଜ ଶୁଦ୍ଧ ସ୍ୱରୂପରେ ଆସିବା ନିମନ୍ତେ ମହାଶୂନ୍ୟ ଉପରେ ଥିବା ମାର୍ଗକୁ ଆସନ୍ତୁ ଆଉ ଅଷ୍ଟଚକ୍ରକୁ ଶୁଦ୍ଧକରି ସୁଷୁମ୍ନା ଘାଟକୁ ଓହ୍ଲେଇ ପାରିହୋଇ ଯାଆନ୍ତୁ । ଗ୍ରନ୍ଥକାର ନିଜ ଶୁଦ୍ଧ ସ୍ୱରୂପକୁ ଆସିବା ପାଇଁ ଏହି ଅନୁଭୂତି ସତ୍‌ମାର୍ଗ ବିଷୟରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଛନ୍ତି । ଆଧ୍ୟାତ୍ମ ବିଦ୍ୟାର ସଫଳତାର ପୂର୍ଣ୍ଣ ଦିଗଦର୍ଶନ ଏହି ଦୋହାରେ କରାଯାଇଛି ।

**ତାହି କାଲ କ୍ୟା କରି ସକେ,**
**ଅମୃତ କରେ ଅହାର ।**
**ସଦା ୱ୍ୱିରାଜ ୱ୍ୱିରାଜତେ, ନିଶି**
**ଦିନ ରହ ହୁସିୟାର ॥୨୪॥**

ଭାଷ୍ୟ - ସେହି ଯୋଗଯୁକ୍ତ ପ୍ରବୀଣକୁ କାଳ କଣ କରି ପାରିବ ଯିଏ ଦିବାନିଶି ବିରାଜଧାମରେ ବିରାଜିତ ହୋଇ ଅମୃତ ଆହାର କରୁଅଛି ।

**ଅଗମ ପନ୍ଥ ମନ ଥିର ଭୟା,**
**ସୁରତି ନିରତି ପରୱ୍ୱେଶ ।**
**ଚେତନ ହଁସ ସ୍ୱରୂପ ସେ,**
**ପହୁଁଚେ ଅପନେ ଦେଶ ॥୨୫॥**

ଭାଷ୍ୟ - ବିହଙ୍ଗମ ମାର୍ଗରେ ନିଜ ମୂଳ କାରଣରେ ମନ ଯେତେବେଳେ ସ୍ଥିର ହୋଇଯାଏ ଓ ସୁରତି ନିରତି ହୋଇ ନିଜ ମଣ୍ଡଳରେ ପ୍ରବେଶ କରିଯାଏ, ସେତେବେଳେ ଚେତନ ଶୁଦ୍ଧ ସ୍ୱରୂପରେ ଆତ୍ମା ନିଜ ସ୍ଥାନକୁ ପହଞ୍ଚିଯାଏ । ଏହା ବିହଙ୍ଗମ ମାର୍ଗର ଉପଦେଶ ଅଟେ ।

# କ୍ୟାନସର ପାଇଁ ହଳଦୀ

ହଳଦୀ ଘରେ ଘରେ ମିଳୁଥିବା ଏକ ସହଜ ତଥା ସ୍ୱାସ୍ଥ୍ୟପ୍ରଦ ମସଲା । ବ୍ୟଞ୍ଜନରେ ବ୍ୟବହୃତ ହଳଦୀ ପାଟିକୁ ଯେତିକି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟଗତ ସମସ୍ୟାର ନିଦାନରେ ଏହାର ଯୋଗଦାନ ତା'ଠୁ ଅଧିକ । ସବୁଠୁ ବଡ଼ କଥା ବିଭିନ୍ନ ପ୍ରକାର କ୍ୟାନସରରୁ ରକ୍ଷା କରିବାରେ ହଳଦୀକୁ ମହୌଷଧି ଭାବେ ଗ୍ରହଣ କରାଯାଇଛି ।

ଭାରତରେ ହଳଦୀର ବ୍ୟବହାର ମସଲା, ସୌନ୍ଦର୍ଯ୍ୟ ସାଧନ ତଥା ବିଭିନ୍ନ ରୋଗର ନିଦାନ ପାଇଁ କରାଯାଏ । କିନ୍ତୁ ଜାଣନ୍ତି ହଳଦୀ ମାରାତ୍ମକ କ୍ୟାନସର ରୋଗକୁ ମଧ କିଛି ମାତ୍ରାରେ ହ୍ରାସ କରିବାର ଗୁଣ ବହନ କରିଛି । ହଳଦୀରେ ଜଳ, ପ୍ରୋଟିନ୍, ଖଣିଜପଦାର୍ଥ, ଫାଇବର, ମାଙ୍ଗାନିଜ୍, ପଟାସିୟମ, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ, ଫସ୍‌ଫରସ୍, ଆଇରନ୍, ଓମେଗା ୩ ଏବଂ ଓମେଗା ୬ ଫାଟି ଏସିଡ୍, ଭିଟାମିନ୍ ଏ, ଭିଟାମିନ୍-ବି, ଭିଟାମିନ୍ -ସି ଭଳି ତତ୍ତ୍ୱ ତଥା କ୍ୟାଲୋରୀ ଭରପୁର



ରହିଛି । ହଳଦୀରେ ଥିବା କରକୁମିନ୍ କ୍ୟାନସର ଚିକିତ୍ସାରେ ବେଶ୍ ସହାୟ ହୋଇଥାଏ । ଆୟୁର୍ବେଦରେ ହଳଦୀକୁ ଏକ ମହତ୍ତ୍ୱପୂର୍ଣ୍ଣ ଔଷଧ ରୂପେ ବିବେଚିତ କରାଯାଇଛି । ବିଭିନ୍ନ ଗବେଷଣାରୁ ମଧ ପ୍ରମାଣିତ ହୋଇଛି କ୍ୟାନସର ଚିକିତ୍ସା କ୍ଷେତ୍ରରେ ଏହା ଲାଭପ୍ରଦାନ କରିଥାଏ । ଏଥିରେ ପ୍ରଭାବଶାଳୀ ଉପଚାର ଶକ୍ତି ରହିବା ସହ ସ୍ୱାସ୍ଥ୍ୟ ପାଇଁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ । କୌଣସି ପ୍ରକାର ପାର୍ଶ୍ୱପ୍ରତିକ୍ରିୟା ଏଥିରେ ନ ଥାଏ । ଏହା ସବୁଠୁ ଉତ୍ତମ ଆଣ୍ଟିଅକ୍ସିଡାଣ୍ଟ ଯାହା କ୍ୟାନସର ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ହଳଦୀ କ୍ୟାନସର ଜୀବାଣୁର ସଂକ୍ରମଣ ମାତ୍ରା କମ୍ କରିବାରେ ସାହାଯ୍ୟ କରେ । ଏହାର ଦୈନନ୍ଦିନ ସେବନ କ୍ୟାନସର ଆଶଙ୍କାକୁ ମଧ ହ୍ରାସ କରିଥାଏ । ହଳଦୀରେ ଗୋଲମରିଚ ମିଶାଇ ସେବନ କଲେ ସ୍ତନ କର୍କଟ ଭଳି ଭୟଙ୍କର ରୋଗକୁ ନିୟନ୍ତ୍ରଣ କରାଯାଇପାରେ । ସ୍ତନ କର୍କଟ ଆଶଙ୍କା ବୃଦ୍ଧି କରୁଥିବା କୋଷିକାକୁ ବୃଦ୍ଧି ହେବାରେ ଏହା ବାଧା ସୃଷ୍ଟି କରିଥାଏ । ହଳଦୀରେ ରହିଛି କ୍ୟାନସରନାଶକ ଗୁଣ । ଏଥିରେ ଫିନୋଲିକ୍ ଯୌଗିକ କରକ୍ୟୁମିନ୍ ଥାଏ, ଯାହା କ୍ୟାନସରଗ୍ରସ୍ତ ଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ, ହଳଦୀରେ ଥିବା କରୁକୁମିନ୍‌କୁ ଯେତେ ବେଳେ ସିସ୍‌ପ୍ଲାଟିନରେ ମିଶାଯାଏ, ସେତେବେଳେ ମସ୍ତିଷ୍କ ଏବଂ ଗଳା କର୍କଟ ଚିକିତ୍ସାରେ ଏହା ବିଶେଷ ପ୍ରଭାବ ପକାଇଥାଏ । କହିବାକୁ ଗଲେ ବିଭିନ୍ନ ପ୍ରକାର କ୍ୟାନସରରୁ ରକ୍ଷା ପାଇବାର ଗୋଟିଏ ମାତ୍ର ଔଷଧ ହଳଦୀ ।

# ସତେଜ ଫୁଲ ଆଣିଥାଏ ସକାରାତ୍ମକ ଭାବନା

ଘରେ ହେଉ କିମ୍ବା ଡାଇନିଂ ରୁମ୍‌ରେ ସତେଜ ଫୁଲ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ଆସିଥାଏ । ତେଣୁ ଘରେ ସର୍ବଦା ସତେଜ ଫୁଲକୁଣ୍ଡ ରଖିବା ଉଚିତ୍ । ଯଦି ପୂର୍ବରୁ ରଖାଯାଇଥିବା ଫୁଲ ଶୁଖିଯାଇଥାଏ ତେବେ ତୁରନ୍ତ ସେ ସ୍ଥାନରେ ସତେଜ ଫୁଲ ରଖନ୍ତୁ । ଅନେକ ଥର ଦେଖାଯାଏ ଘରେ ହେଉ କିମ୍ବା ବାଥ୍‌ରୁମ୍‌ରେ ଶୁଖିଲା ଫୁଲରେ ସେଣ୍ଟ ପକାଇ ଦୀର୍ଘ ଦିନ ପର୍ଯ୍ୟନ୍ତ ରଖାଯାଏ । ଫେଙ୍ଗସୁଇ ମତରେ ଏପରି କରିବା ଦ୍ୱାରା ଘରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । କାରଣ ଶୁଖିଲା ଫୁଲ ସର୍ବଦା ମୃତ୍ୟୁ ସୁଚକ ହୋଇଥାଏ । ଯଦି ପ୍ରତିଦିନ ସତେଜ ଫୁଲ ଲଗାଇବାକୁ ସକ୍ଷମ ହେଉନାହାନ୍ତି ତେବେ ଏହା ବଦଳରେ ପ୍ଲାଷ୍ଟିକ୍‌ର କୃତ୍ରିମ ଫୁଲ ଲଗାଇପାରିବେ ।



# ଘନ କେଶ ପାଇଁ ଘିକୁଆଁରୀ



ଘିକୁଆଁରୀ କେଶ ଝଡ଼ା ସମସ୍ୟାକୁ ରକ୍ଷା କରିବା ସହ ଏହାର ଘନତ୍ୱ ବୃଦ୍ଧି କରିଥାଏ । କଡ଼ା ହେଲେ ବି ଏଥିରେ ଢ଼େର ଫାଇଦା ଭରି ରହିଛି । ଘିକୁଆଁରୀରେ ୯୬ ପ୍ରତିଶତ ପାଣି ଏବଂ ଏମିନୋ ଏସିଡ୍ ରହିଛି । ଭିଟାମିନ୍ ଏ, ବି, ସି ଏବଂ ଇ'ରେ ଭରପୁର ଘିକୁଆଁରୀ ଶରୀର, ତ୍ୱଚା ଏବଂ କେଶକୁ ଆବଶ୍ୟକ ପୋଷଣ ଦେଇଥାଏ ।

୨ ଚାମଚ ଘିକୁଆଁରୀ ଜେଲକୁ ହାତରେ ନେଇ କେଶ ମୂଳରେ ହାଲ୍‌କା ମାଲିସ୍ କରନ୍ତୁ । ଅତିକମରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ କେଶ ମୂଳରେ ରଖିଲା ପରେ ଶାମ୍ପୁ କରନ୍ତୁ । ସପ୍ତାହକୁ ଦୁଇଥର ଏଭଳି ଉପାୟ ଆପଣାଇଲେ, କେଶର ସୌନ୍ଦର୍ଯ୍ୟ ଏବଂ ଘନତ୍ୱ ବୃଦ୍ଧି ପାଇଥାଏ ।

୨ ଚାମଚ ଘିକୁଆଁରୀ ଜେଲରେ ୧ ଚାମଚ ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାଇ ହାଲ୍‌କା ମସାଜ୍ କରନ୍ତୁ । ୧ ଘଣ୍ଟା ପରେ ଏହାକୁ ଧୋଇ ଦିଅନ୍ତୁ । ପରଦିନ ଶାମ୍ପୁ କରି ସଫାକରନ୍ତୁ । ଏଭଳି ମାସକୁ ୩-୪ ଥର କଲେ କେଶ ଲମ୍ବା ଏବଂ ମୁଲାୟମ୍ ହୋଇଥାଏ ।

କେଶ ପ୍ରବଳ ଝଡୁଥିଲେ ଘିକୁଆଁରୀରେ ପିଆଜ ରସ ମିଶାଇ କେଶ ମୂଳରେ ଲଗାନ୍ତୁ । ଦୁଇ ଘଣ୍ଟା ଏହି ମିଶ୍ରଣକୁ କେଶ ମୂଳରେ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

ନଡିଆ ତେଲରେ ଘିକୁଆଁରୀ ଜେଲ୍ ମିଶାଇ ଶାମ୍ପୁ ପୂର୍ବଦିନ ରାତିରେ ଶୋଇବା ପୂର୍ବରୁ ଭଲଭାବେ ମାଲିସ୍ କରିଦେବେ । ଏହାଦ୍ୱାରା ମଧ କେଶ ଝଡ଼ିବା ସମସ୍ୟାରୁ ତ୍ରାହି ମିଳିଥାଏ ।

## ଟିକିଏ ହସନ୍ତୁ

ରାଜୁ: ଦୁନିଆର ସବୁଠୁ ବଡ଼ ଉତ୍ସବ କ'ଣ ?
ପପୁ : ଘରବାଲି ।
ରାଜୁ: ମାନେ
ପପୁ : ଆଉ ନୁହେଁ ତ କ'ଣ ?
ସପ୍ତାହରେ ୩-୪ଥର ତାକୁ ମନେଇବାକୁ ପଡିଥାଏ ।

× × × × ×

ସ୍ୱାମୀ: ଚୋର ତୁମ ଚେନ୍ ନେଇଗଲା ବୋଲି କାନ୍ଦନି । ମୁଁ ତୁମକୁ ନୂଆ ସୁନା ଚେନ୍ କିଣି ଦେବି ।
ସ୍ତ୍ରୀ: ମୁଁ ଚେନ୍ ପାଇଁ କାନ୍ଦୁନି ।
ସ୍ୱାମୀ: ତା'ହେଲେ କେଉଁଥି ପାଇଁ କାନ୍ଦୁଛ ?
ସ୍ତ୍ରୀ: ଖବରକାଗଜ ବାଲା ଛାପିଛନ୍ତି ବୃଦ୍ଧାଙ୍କ ବେକରୁ ଚେନ୍ ଲୁଟ୍!

× × × × ×

ସ୍ୱାମୀ: ବାହାଘର ପୂର୍ବରୁ ତୁମେ ବହୁତ ଉପବାସ ରଖୁଥିଲ ଏବେ କ'ଣ ହେଲା ?
ସ୍ତ୍ରୀ: ବହୁତ ନୁହେଁ, କେବଳ ୧୬ ସୋମବାର ରଖୁଥିଲି ।
ସ୍ୱାମୀ: ଏବେ କାହିଁକି ରଖୁନ ?
ସ୍ତ୍ରୀ: ତା'ପରେ ତୁମ ସହିତ ବାହା ହୋଇଗଲା ଆଉ ମୋର ଉପବାସରୁ ଭରସା ଉଠିଗଲା ।



× × × ×

ଜଣେ ମହିଳା ଶାଢ଼ି କିଣିବାକୁ ଦୋକାନକୁ ଗଲେ ।
ଦୋକାନୀ : ମ୍ୟାଡାମ୍ କୁହନ୍ତୁ ଆପଣଙ୍କୁ କେମିତି ଶାଢ଼ି ଦେଖେଇବି ?
ମହିଳା: ପଡ଼ୋଶୀକୁ ଜଳେଇବା ପାଇଁ ଯେଉଁ ଶାଢ଼ି ଅଛି ଦେଖାନ୍ତୁ ।

× × × × × ×

ଅଧାପକ ରମେଶକୁ : କାଲି କ'ଣ ପାଇଁ ଆସି ନ ଥିଲ ?
ରମେଶ : ସାର୍ ଆମ ଘରେ ପୂଜା ଥିଲା ।
ଅଧାପକ : ହଉ । ହେଲେ ତା' ପୂର୍ବଦିନ କ'ଣ ପାଇଁ ଆସି ନ ଥିଲ ?
ରମେଶ: ତା' ପୂର୍ବଦିନ ଆମ ଘରେ ପ୍ରିୟା ଥିଲା ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ: ଆଗରୁ ମୋ ଫିଗର୍ ପୂରା କୋକ୍ ବୋତଲ ପରି ଥିଲା ।
ସ୍ୱାମୀ : ଏବେ ବି ତମ ଫିଗର୍ କୋକ୍ ବୋତଲ ପରି ।
ସ୍ତ୍ରୀ : ନାଇଁ ମ ।
ସ୍ୱାମୀ: ଆରେ ହଁ । ଫରକ କେବଳ ଏତିକି ଯେ, ଆଗରୁ ୩୦୦ ଏମ୍. ଏଲ୍. ବୋତଲ ପରି ଥିଲ ।
ଏବେ ଦେଢ ଲିଟରିଆ ବୋତଲ ପାଲଟି ଯାଇଛି ।

× × × × ×

ଶିକ୍ଷକ ମଣ୍ଟୁକୁ କହିଲୁ ଦେଖି, କିଏ ସବୁଠୁ ଅଧିକ ଅଣ୍ଡା ଦିଏ ?
ମଣ୍ଟୁ: ସାର, ଆମ ଗଣିତ ମ୍ୟାଡାମ୍ ।
ଶିକ୍ଷକ: କ'ଣ ? ଗଣିତ ମ୍ୟାଡାମ ।
ମଣ୍ଟୁ: ହଁ, ସେ ପରା ମୋ ପରୀକ୍ଷା ଖାତାର ଆରମ୍ଭରୁ ଶେଷ ଯାଏ ଅଣ୍ଡା ଦେଇଛନ୍ତି ।

# ଛଚିନ୍ଦ୍ରାର ଉପକାରିତା

**ଗାଁ** ଗହଳିରେ ଅଧିକାଂଶ ଲୋକଙ୍କ ବାଡ଼ି ବଗିଚାରେ ପ୍ରଚୁର ପରିମାଣରେ ଛଚିନ୍ଦ୍ରା ଫଳିଥାଏ । ଏହା ସ୍ୱାସ୍ଥ୍ୟ ଉପଯୋଗୀ ପରିବା ହୋଇଥିଲେ ହେଁ, ଏହାକୁ ଖାଇବାକୁ ବେଶି ଲୋକ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ଭିଟାମିନ୍, ପୋଷକ ତତ୍ତ୍ୱ, ଭିଟାମିନ୍ ସି, ମିନେରାଲ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଥାୟାମିନ୍, ଜିଙ୍କ୍, ଆଇରନ୍ ଅଛି ।

ଆନ୍ତ୍ରିକ ଜ୍ୱର, ବାନ୍ତି, ଡାଏରିଆ ଆଦି ହୋଇଥିଲେ ଛଚିନ୍ଦ୍ରା ଖାଇବା ଫଳରେ ଶରୀରର ଜଳୀୟାଂଶ ଅଭାବ ପୂରଣ ହୋଇଥାଏ । ଛଚିନ୍ଦ୍ରା ଡିହାଇଡ୍ରେଶନ ସମସ୍ୟାକୁ ଦୂର କରିଥାଏ । ଲିଭରକୁ ସଫା କରିଥାଏ ।

ଛଚିନ୍ଦ୍ରାକୁ ନିୟମିତ ଖାଇଲେ ଗଳା ସଫା ହୋଇଥାଏ । ନିଃଶ୍ୱାସ ସମସ୍ୟାକୁ ଦୂର କରିଥାଏ । ଏଥିରେ



ଆଣ୍ଟିବାୟୋଟିକ୍ ଗୁଣ ଭରି ରହିଛି । ଏଥିରେ ଥିବା ଫାଇଟୋକେମିକାଲସ୍ ବାସ୍ନାକୁ ନିଃଶ୍ୱାସରେ ନେବା ଫଳରେ ଶରୀରକୁ ସୁସ୍ଥ ରଖିଥାଏ ।

ଛଚିନ୍ଦ୍ରାକୁ ଚୋବାଇ ଖାଇଲେ ପାଣି ଦୁର୍ଗନ୍ଧ ଦୂର ହୋଇଥାଏ ।

ସୁଗାର ନିୟନ୍ତ୍ରିତ କରିବା ପାଇଁ ଛଚିନ୍ଦ୍ରା ଚାଇନିଜ୍ ଡାଏଟର ଏକ ମହତ୍ତ୍ୱପୂର୍ଣ୍ଣ ଆହାର । ଏହା ଲୋ କ୍ୟାଲୋରି ଯୁକ୍ତ ଓ ପୋଷକ ତତ୍ତ୍ୱ ଭରପୂର ରହିଥାଏ । ଆଣ୍ଟି ଓବେସିଟୀ ଓ ଆଣ୍ଟି ଡାଏବେଟିକ୍ ଶକ୍ତି ରହିଛି । ଏହା ସୁଗାର ସ୍ଥିତି ନିୟନ୍ତ୍ରଣ କରିଥାଏ । ଫାଇବର, ଫସଫରସ୍, କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ୍ ସହ ମିନେରାଲର ଉତ୍ତମ ମାତ୍ରା ଅଛି ।

ହାଇପରଟେନସନ୍ ପାଇଁ ଏକ ମହୌଷଧି । ରକ୍ତନଳୀକୁ ରିଲାକ୍ସ କରିଥାଏ । ପୋଟାସିୟମ୍ ଅଧିକ ଥିବାରୁ ହୃଦୟ ଓ ମସ୍କୁଲର ଫଙ୍କଶନକୁ ଠିକ୍ କରିଥାଏ । ବ୍ଲଡ ସର୍କୁଲେସନକୁ ମଧ ବଢ଼ାଇଥାଏ । ଧମନୀ ସମ୍ବନ୍ଧୀୟ ରୋଗକୁ କମ୍ କରିଥାଏ ।

ଚନ୍ଦାପଣ ରୋକିବାକୁ ଚାହୁଁଥିଲେ ଛଚିନ୍ଦ୍ରା ଚେରକୁ ଭଲ ଭାବରେ ଧୋଇ ଏହାକୁ ପାଣିରେ ପକାଇ ସିଝାନ୍ତୁ । ୪ ଭାଗ ପାଣିରୁ ୧ ଭାଗ ରହିବା ପରେ ଏହି ପାଣିକୁ ଥଣ୍ଡା କରି ଚନ୍ଦା ମୁଣ୍ଡରେ ଲଗାଇବା ଫଳରେ ଚନ୍ଦାପଣ ଦୂର ହୋଇଥାଏ । ଏଥି ସହିତ ଛଚିନ୍ଦ୍ରା ପାଣି କେଶରୁ ରୁପି ମଧ ଦୂର କରିଥାଏ ।

ଛଚିନ୍ଦ୍ରା ଜୁସ୍ ଖାଇଲେ ଯେ କୌଣସି ଜ୍ୱର ଭଲ ହୋଇଥାଏ ।

ଛଚିନ୍ଦ୍ରା ନିୟମିତ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

ମଧୁମେହ ପାଇଁ ଏହା ରାମବାଣ ସଦୃଶ । ତେଣୁ ମଧୁମେହ ରୋଗୀ ଛଚିନ୍ଦ୍ରାକୁ ନିୟମିତ ଖାଇବା ତଥା ଏହାର ଜୁସ୍ ପିଇବା ଉଚିତ୍ ।

# ଉପକାରୀ ପଣସ

**ପଣସ**ର ମସଲାଦିଆ ତରକାରୀ ନାଁ ଶୁଣିଲେ ପାଟିରୁ ଲାଳ ବାହାରିଆସେ । ଏହାକୁ ତିଆରି କରିବା ଯଦିଓ ସମୟ ବହୁଳ, କିନ୍ତୁ ଖାଇବାର ମଜା ଅଲଗା । ପାଟିରୁ ସ୍ୱାଦିଷ୍ଟ ପଣସର ରହିଛି ଅନେକ ସ୍ୱାସ୍ଥ୍ୟୋପଯୋଗୀ ଗୁଣ । ଏଥିରେ ଥିବା ଭିଟାମିନ୍, ପଟାସିୟମ୍, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।

ପଣସ ମଞ୍ଜିରେ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ । ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସାପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡିତ ଥିଲେ ପଣସ ବେଶ୍ ଫାଇଦା ଦେଇଥାଏ । ଏଥିରେ ଥିବା ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଏବଂ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ । ପଣସ ମଞ୍ଜିରେ ଆଇରନ୍ ଭରପୂର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ, ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

ଯେଉଁମାନେ ଥାଇରଏଡରେ ପୀଡିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧଠୁ କମ୍ ନୁହେଁ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

ପଣସ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଞ୍ଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।



# ସ୍ୱାସ୍ଥ୍ୟ ପାଇଁ ଭଲ ବୁଟ

ଏହା ଏକ ସାଧାରଣ ଶସ୍ୟ ହୋଇଥିଲେ ବି ସ୍ୱାସ୍ଥ୍ୟକ୍ଷେତ୍ରରେ ଖୁବ୍ ଲାଭଦାୟକ । ଏହାର ପୁଷ୍ଟିକର ତତ୍ତ୍ୱ ଲାଗି ଏହାକୁ ଅଭାବୀ ମଣିଷଙ୍କ ବାଦାମ ବୋଲି କୁହାଯାଏ ।

ବୁଟକୁ ରାତିରେ ଭିଜାଇ ସକାଳୁ ଖାଲିପେଟରେ ସେବନ କରିବା ଦ୍ୱାରା ଡାଇବେଟିସ୍ ଦୂର ହୋଇଥାଏ ।

ବ୍ୟାୟାମ ପରେ ରାତିରୁ ଭିଜା ହୋଇଥିବା ବୁଟକୁ ଭିଜା ପାଣି ସହିତ ନିୟମିତ ଭାବେ ସେବନ କରିବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ ।

ଯଦି ଦିନସାରା କ୍ଲାନ୍ତ ଲାଗୁଥାଏ, ତେବେ ନିୟମିତ ବୁଟ ଖାଆନ୍ତୁ । ଏପରି ହେଲେ କ୍ଲାନ୍ତ ହେବେ ନାହିଁ ।

ଅନେକ ଥର କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ଲାଗି ଲୋକେ ଗୁଡ଼, ବୁଟ ଖାଇବାକୁ ପସନ୍ଦ କରନ୍ତି । ଏହା ବ୍ୟତୀତ ଗୁଡ଼, ବୁଟ ଏନିମିଆ ଦୂର କରିବାରେ ଖୁବ୍ ସହାୟକ ।

ବୁଟଭିଜା ପାଣିରେ ମୁହଁ ଧୋଇଲେ ଚେହେରାରେ ଚମକ ଆସିଥାଏ ।

ଥଣ୍ଡା ସର୍ଦ୍ଦି ହୋଇଥିଲେ ବୁଟକୁ ଉଷୁମ କରି ରୁମାଲରେ ବାନ୍ଧି ଶୁଙ୍ଘିଲେ ଲାଭ ମିଳେ ।

ଓଜନ ହ୍ରାସ କରିବାକୁ ଇଚ୍ଛା କରୁଥିଲେ ପ୍ରତିଦିନ ସକାଳୁ ଜଳଖିଆରେ ବୁଟ ଖାଆନ୍ତୁ ।

ଗର୍ଭବତୀଙ୍କର ଯଦି ବାନ୍ତି ହେଉଥାଏ ତେବେ ଭଜା ବୁଟ ଛତୁଆ କରି ଖାଇବା ଉଚିତ ।

ଭିଜା ବୁଟ ଖାଇବା ପରେ କ୍ଷୀର ପିଇଲେ ଏହା ବଳବୀର୍ଯ୍ୟକାରକ ହୁଏ ।

ନିୟମିତ ବୁଟ ଖାଇବା ଦ୍ୱାରା ଶରୀରରେ ଲୌହସାର କମେ ନାହିଁ ।

ବୁଟଭଜା ଖାଇବା ଦ୍ୱାରା ମୂତ୍ର ସମ୍ବନ୍ଧୀୟ ସମସ୍ତ ସମସ୍ୟାରୁ ମୁକ୍ତି ମିଳେ ।



ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ଥିଲେ ଗଜାବୁଟ ଖାଇବା ଉଚିତ ।

ଶୀତଦିନେ ବୁଟ ଗୁଣ୍ଡରେ ପ୍ରସ୍ତୁତ ହାଲୱା ଶ୍ୱାସରୋଗୀଙ୍କ ଲାଗି ଲାଭଦାୟକ ।

ବୁଟରେ ଏପରି ଗୁଣ ଅଛି ଯେ ଏହା ହଜମଶକ୍ତି ସନ୍ତୁଳିତ କରିବା ସହ ମାନସିକ, ଶକ୍ତି ବଢ଼ାଇଥାଏ । ରକ୍ତ ସଫା କରିବା ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳତା ଆସେ ।

ବାରମ୍ବାର ହେକୁଟି ହେବା ଏବଂ ଆମାଶୟ ପରି ରୋଗ ଲାଗି ବୁଟ ଗଛର ଧୂଆଁ ଶୁଙ୍ଘିବା ଉପକାର ଦେଇଥାଏ ।

ରାତିରେ ଶୋଇବା ବେଳେ ବୁଟ ଚୋବାଇ ଉଷୁମ ପାଣି ପିଇବା ଦ୍ୱାରା ଶ୍ୱାସନଳୀ ସମ୍ପର୍କିତ ଏକାଧିକ ରୋଗ ଏବଂ କଫ ଦୂର ହୁଏ ।

# କରମଙ୍ଗାର କରାମତି

**କରମଙ୍ଗା** ଖାଇଲେ ଭଲ ନିଦ୍ରା ହୋଇଥାଏ । ନିଦ୍ରାହୀନତା ଭୋଗୁଥିବା ଲୋକଙ୍କ ପାଇଁ ଏହା ଏକ ଔଷଧ ପରି କାର୍ଯ୍ୟ କରିଥାଏ । ଏଥିରେ ଥିବା ମାତ୍ରାଧିକ ପୋଟାସିୟମ୍ ଯୋଗୁଁ ଏହା ରକ୍ତଚାପକୁ ନିୟନ୍ତ୍ରଣ କରି କମ୍ କରିଥାଏ । ଏଇ ଫଳ କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଏକ ଉତ୍ତମ ଦ୍ରବ୍ୟ । ସେମାନେ ଦୈନିକ ଏହାକୁ ଖାଇଲେ ଖୁବ୍ କମ୍ ଦିନରେ ସୁଫଳ ପାଇପାରିବେ ।



ଲେବାନନ୍‌ରେ ପ୍ରସ୍ତୁତ ହେଉଥିବା କରମଙ୍ଗା ଜାମ୍ ବିଶ୍ୱପ୍ରସିଦ୍ଧ ଅଟେ । ଏଥିରେ ଥିବା ଭିଟାମିନ୍ ସି ଓ କେ ପାଇଁ ପିଲାମାନଙ୍କୁ ଏଇ ଫଳ ଖାଇବା ପାଇଁ କୁହାଯାଏ । ଶ୍ୱାସରୋଗୀଙ୍କ ପାଇଁ ମଧ ଏହା ଖାଇବା ଭଲ । ଜାପାନରେ ବଇଦମାନେ ଏଇ ଫଳକୁ ଜ୍ୱର ସମୟରେ ପିଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୪୦୦ ପ୍ରକାରର କରମଙ୍ଗା ଦେଖାଯାଏ ।

## ଆପଣ ଜାଣନ୍ତି କି ?

- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।
- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା । ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।

## କହିପାରିବେ କି ?

(୧) ଇଟାଲିର କିଏ ବ୍ୟାରୋମିଟର ଉଦ୍ଭାବନ କରିଥିଲେ ?
(୨) ସ୍କଟଲ୍ୟାଣ୍ଡର କିଏ ବାଇସାଇକେଲ୍ ବାହାର କରିଥିଲେ ?
(୩) ଅନ୍ଧମାନଙ୍କ ପାଇଁ ଲେଖିବା ପ୍ରଣାଳୀ ଫ୍ରାନ୍ସର କିଏ ବାହାର କରିଥିଲେ ?
(୪) ଜର୍ମାନୀର କିଏ କାର୍ବୋରେଟର ବାହାର କରିଥିଲେ ?
(୫) ବ୍ରିଟେନର କେଉଁ ବୈଜ୍ଞାନିକ ରକ୍ତ ସଂଚାଳନ ବାହାର କରିଥିଲେ ?
(୬) ବ୍ରିଟେନର କିଏ କ୍ଲୋରଫର୍ମ ବାହାର କରିଥିଲେ ?
(୭) ବ୍ରିଟେନର କେଉଁ ବୈଜ୍ଞାନିକ 'କଲେରା' ରୋଗ ଉଦ୍ଭାବନ କରିଥିଲେ ?
(୮) ଇମ୍ୟୁନୋଲୋଜିର ଜନକ କିଏ ?
(୯) ପ୍ରଥମ ଆଣ୍ଟିବାୟୋଟିକ୍ କିଏ ଆବିଷ୍କାର କରିଥିଲେ ?
(୧୦) ଶାନ୍ତି ନିକେତନର ଆରମ୍ଭ କିଏ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) GARNDO | = | 6) SGNIRT | = |
| 2) PRSUBE | = | 7) LYSET | = |
| 3) EDROO | = | 8) TOPAI | = |
| 4) KOPRE | = | 9) ALFTUN | = |
| 5) PSACET | = | 10) GHRIEH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଲଣ୍ଡନ, ୨.ନିଉୟର୍କ, ୩. କାମ୍ବୋଡିଆ, ୪.ଲଣ୍ଡନ, ୫.ଲଣ୍ଡନ, ୬.ରାଇଟ୍ ଭ୍ରାତାଦ୍ୱୟ (୧୯୦୩), ୭. ଡାଲ୍‌ଟନ୍ (୧୮୦୧), ୮.ଅଟୋହାନ୍ (୧୯୪୫), ୯.ଡ୍ରେସର (୧୮୮୯), ୧୦.ଜନ୍ ଜେ.ଲାଉଡ୍ (୧୮୮୮) ।

***Jumble Words*** **ର ଉତ୍ତର :-**

(1) DOUSE (2) SPRING (3) JOYFUL (4) PETTY (5) ODDLY
(6) GARLIC (7) HYPHEN (8) ELOPE (9) BRAND (10) NEARLY

## ଆର୍‌ଡିସିଙ୍କ ବିଭିନ୍ନ ପ୍ରକଳ୍ପର ସମୀକ୍ଷା

ସମ୍ବଲପୁର : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଉତ୍ତରାଞ୍ଚଳ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ରେଳ ପ୍ରକଳ୍ପ ଯଥା ଖୋର୍ଦ୍ଧା- ବଲାଙ୍ଗୀର, ସମ୍ବଲପୁର-ତାଳଚେର ଡବ୍ଲିଙ୍ଗ, ସମ୍ବଲପୁର-ଟିଟିଲାଗଡ଼ ଡବ୍ଲିଙ୍ଗ, ବୃନ୍ଦାମାଳ-ଝାରସୁଗୁଡା, ଆଇବି ଫ୍ଲାଇ ଓଭର, ସାଲେଗାଁ-ବୁଢାପଙ୍କ ଫୋର୍ ଲେନ୍, ଅନୁଗୁଳ-ସୁକିନ୍ଦା, ରାଞ୍ଚି-ବଣ୍ଡୋମୁଣ୍ଡା ଏବଂ ବଣ୍ଡୋମୁଣ୍ଡା ଫୋର୍ ଲେନ୍, ତାଳଚେର-ବିମଳଗଡ଼ ପ୍ରକଳ୍ପର ସମୀକ୍ଷା କରିଥିଲେ ।

ସେହିପରି ଅନୁଗୁଳ-କଟକ, ବଅଁରପାଲ-ଗଡିବନ୍ଧ(ଏନ୍‌ଏଚ୍‌-୧୪୯/୫୩), ତାଳଚେର -ଡୁବୁରୀ-ଚଣ୍ଡିଖୋଲ(ଏନ୍‌ଏଚ୍‌-୫୩), ବୀରମିତ୍ରପୁର ରୁ ବ୍ରାହ୍ମଣୀ ବାଇପାସ୍ ଏନ୍‌ଏଚ୍‌-୨୩, ରାଜାମୁଣ୍ଡା ରୁ ବାରକୋଟ ସେକ୍ସନ, କୋଇଡା ରୁ ରାଜାମୁଣ୍ଡା, ସିଂହାରା-ବିଞ୍ଜବାହାଲ ଫୋର୍ ଲେନ୍ ସେକ୍ସନ ଏନ୍‌ଏଚ୍‌-୬, ପାଣିକୋଇଲି-ରିମୁଳି ଫୋର୍ ଲେନ୍ ସେକ୍ସନ ଏନ୍‌ଏଚ୍‌-୨୧୫(ନୂଆ ଏନ୍‌ଏଚ୍‌-୨୦) ବିଞ୍ଜବାହାଲ-ତିଳେଇବଣି ଫୋର୍ ଲେନ୍ ସେକ୍ସନ ଏନ୍‌ଏଚ୍‌-୬, ସମ୍ବଲପୁର ରିଙ୍ଗ ରୋଡ୍, ଅନୁଗୁଳ-ସମ୍ବଲପୁର, ରେଢ଼ାଖୋଲ ବାଇପାସ ପ୍ରକଳ୍ପର ମଧ ସମୀକ୍ଷା କରିଥିଲେ । ବିଭିନ୍ନ ଜଳସେଚନ ପ୍ରକଳ୍ପର ମଧ ସମୀକ୍ଷା କରିଛନ୍ତି । ଜାତୀୟ ରାଜପଥ ଢେଙ୍କାନାଳ ପିଡି, ରାଉରକେଲା, କେନ୍ଦୁଝର, ସମ୍ବଲପୁର ସମେତ ଜଳସେଚନ, ରେଳ ପ୍ରକଳ୍ପରେ ଜଡିତ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

## ଡିସେମ୍ବରରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

### ଆନ୍ତର୍ଜାତୀକ ଆଧାତ୍ମିକ ପ୍ରବକ୍ତା ଡାକ୍ତର ଚିନ୍ମୟ ପାଣ୍ଡ୍ୟା ଯୋଗ ଦେବେ

ସମ୍ବଲପୁର : ଆସନ୍ତା ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ହରିଦ୍ୱାରର ଶାନ୍ତିକୁଞ୍ଜ ଆଶ୍ରମର ତତ୍ତ୍ୱାବଧାନରେ ରେମେଡ଼ ଠାରେ ନବ ଚେତନା ଜାଗରଣ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ । ଏହି ଯଜ୍ଞରେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ତଥା ଆନ୍ତର୍ଜାତୀୟ ଆଧାତ୍ମିକ ବୈଜ୍ଞାନିକ ତଥା ପ୍ରବକ୍ତା ଡାକ୍ତର ଚିନ୍ମୟ ପାଣ୍ଡ୍ୟା ଯୋଗ ଦେବେ । ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ଗାୟତ୍ରୀ ପରିବାରର ଲକ୍ଷାଧିକ ଭକ୍ତ ଯୋଗ ଦେବେ ଯଜ୍ଞ ପରିଚାଳନା କମିଟିର ସଭାପତି ଦୀନଦୟାଲ ଅଗ୍ରୱାଲ କହିଛନ୍ତି ।

କମଳିବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ, ଯଜ୍ଞକାର୍ଯ୍ୟ ସଂପାଦନ ପାଇଁ ହରିଦ୍ୱାରରୁ ସ୍ୱତନ୍ତ୍ର ଟୋଲି ଆସିବେ । ଏଥି ପାଇଁ ୫ କ୍ୱିଣ୍ଟାଲ ହବନ ସାମଗ୍ରୀ, ୨ କ୍ୱିଣ୍ଟାଲ ଶୁଦ୍ଧ ଘିଅ ଏବଂ ପ୍ରାୟ ୧୦ ଟ୍ରକ୍ କାଠ ବ୍ୟବହାର ହେବ । ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଯଜ୍ଞ ପାଇଁ ବ୍ୟୟ ଅଟକଳ କରାଯାଇଛି । ଏହି ସମସ୍ତ ଅର୍ଥ ଭକ୍ତମାନଙ୍କ ଠାରୁ କୁପନ ଜରିଆରେ ସଂଗ୍ରହ କରାଯିବା ସାଙ୍ଗକୁ ମୁଷ୍ଟିଭିକ୍ଷା ଏବଂ ଅଂଶଦାନରୁ ସଂଗ୍ରହ



କରାଯିବ । ଯଜ୍ଞର ପ୍ରାୟ ୧ ମାସ ପୂର୍ବରୁ ଭୂମି ପୂଜନ ଓ ଦେବଦମ୍ପତ୍ତି ସମ୍ମିଳନୀ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାହାରୁ ଆସୁଥିବା ଭକ୍ତମାନଙ୍କର ରହଣୀ ଓ ଖାଇବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସହରର ସମସ୍ତ ଧର୍ମଶାଳା, ଅତିଥି ଭବନ ସଂରକ୍ଷିତ ରଖାଯାଇଛି । ଏହାଛଡ଼ା ଯଜ୍ଞରେ ଯୋଗଦେବାକୁ ଥିବା ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ମଧ କରାଯାଇଛି । ଯଜ୍ଞ ଅବସରରେ ୨୪ ଲକ୍ଷ ମନ୍ତ୍ର ଲିଖନ ପାଇଁ ପାଞ୍ଚ ହଜାର ଖାତା ଭକ୍ତମାନଙ୍କୁ ବଣ୍ଟନ କରାଯାଇଛି । ଯଜ୍ଞର ସୁପରିଚାଳନା ନିମନ୍ତେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କୁ ଅଭ୍ୟର୍ଥନା କମିଟିର ଅଧକ୍ଷ ରୂପେ ମନୋନୀତ କରାଯାଇଥିବା ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅଭ୍ୟର୍ଥନା କମିଟିର ଅଧକ୍ଷ ହେମନ୍ତ କୁମାର ମହାପାତ୍ର, ପରିଚାଳନା କମିଟିର ଉପାଧକ୍ଷ ଶ୍ରୀ ବାନାମ୍ବର ସର, କୋଷାଧକ୍ଷ ତୁଷାର ରଞ୍ଜନ ପଟ୍ଟନାୟକ, ଜନସମ୍ପର୍କ ବିଭାଗର ସତ୍ୟନାରାୟଣ ପଟେଲ ଓ ବରିଷ୍ଠ କର୍ମକର୍ତ୍ତା ନଳିନୀକାନ୍ତ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିକଟରେ ସହରର ବିଶିଷ୍ଟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇ ଯାଇଛି । ଗତ ୨୦ ତାରିଖରେ ସମ୍ବଲପୁରରୁ ୨୩୦ ଜଣ ଗାୟତ୍ରୀ ପରିଜନ ଶକ୍ତି କଳସ ଆଣିବା ପାଇଁ ହରିଦ୍ୱାର ଯାଇଛନ୍ତି । ସେଠାରୁ ସେମାନେ ୨୬ ତାରିଖ ଫେରିବା ପରେ ସମ୍ବଲପୁରର ଗାୟତ୍ରୀ ଶକ୍ତିପୀଠ ଠାରେ ତାର ସ୍ଥାପନ କରାଯିବ । ଏହା ପରେ ପରେ ଶକ୍ତି କଳସ ବିଭିନ୍ନ ଜିଲ୍ଲାରେ ପରିକ୍ରମା କରିବ ।

## ୧୦୦୦ ୟୁନିଟ ରକ୍ତ ସଂଗ୍ରହ ପାଇଁ ଦୃଢ଼ ସଂକଳ୍ପ ନେଲେ ଛାତ୍ରଛାତ୍ରୀ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲାର ମୋ ସରକାର ଆମ ପୋଲିସ ମାଧମରେ ଆଗାମୀ ଅଗଷ୍ଟ ଚାରି ତାରିଖ ଦିନ ହେବାକୁ ଥିବା ରକ୍ତ ଦାନ ଶିବିର ଆୟୋଜନ କରାଯିବାରକୁ ସ୍ଥିର ହୋଇଛି । ଏଥିପାଇଁ ସୋନପୁର କଲେଜର ପୁରାତନ ଛାତ୍ର ଛାତ୍ରୀ ଓ ନୂତନ ଛାତ୍ର ଛାତ୍ରୀଙ୍କୁ କିପରି ସାମିଲ କରାଯାଇ ୧୦୦୦ରୁ ଉର୍ଦ୍ଧ ରକ୍ତ ଦାତା ଏ କାର୍ଯ୍ୟକ୍ରମ ରେ ସାମିଲ ହେବେ ସେଥି ପାଇଁ ସୋନପୁର କଲେଜର ପୂର୍ବତନ ସଭାପତି ଅଭିଷେକ ଶର୍ମା ଓ ଚନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଛାତ୍ର ସଂଗଠନ ଏସପି ଅମରେଶ ପଣ୍ଡା ଙ୍କ ସହିତ ଆଲୋଚନା କରିଛନ୍ତି । ନୂତନ ପୁରାତନ ଛାତ୍ର ଛାତ୍ରୀଙ୍କ ସହ ସହର ତଥା ଜ଼ିଲ୍ଲାର ସମସ୍ତ ସ୍ୱେଛାସେବୀ ଓ ବୁଦ୍ଧିଜୀବୀଙ୍କୁ ଏଥିରେ କେମିତି ଅଧିକରୁ ଅଧିକ ସାମିଲ କରାଇ ଜ଼ିଲ୍ଲା ପୋଲିସର ଏଇ ରକ୍ତ ଦାନ ଶିବିରକୁ ସଫଳ କରାଯିବ ସେ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟରେ ରକ୍ତ ଦାନ କ୍ଷେତ୍ର ରେ ସୁବର୍ଣ୍ଣପୁର ଜ଼ିଲ୍ଲା ଗୌରବ ବଢ଼ାଇବାକୁ ସଂକଳ୍ପ ନେଇଥିଲେ । ସହର ତଥା ଜ଼ିଲ୍ଲାର ସମସ୍ତ ସ୍ୱେଛାସେବୀଙ୍କୁ ନେଇ ଖୁବ ଶୀଘ୍ର ସଦର ଥାନା ରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ନୂଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୋଚନୀୟ ଅବସ୍ଥା

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଅଞ୍ଚଳରେ ନିକଟରେ ହୋଇଥିବା ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ପ୍ରବଳ ବର୍ଷା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିନିକା ଏନ.ଏ.ସି ଅନ୍ତର୍ଗତ ୧୨ ନଂ ଓ୍ୱାର୍ଡ ନୁଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଣି ଜମି ଯିବାରୁ ଛାତ୍ରଛାତ୍ରୀ ମାନେ ବାଧ ହୋଇ ଇଟାରେ ବସି ପାଠ ପଢୁଥିବାର ଦେଖାଯାଇଥିଲା । ଲଗାଣ ବର୍ଷା ଯୋଗୁଁ ଉକ୍ତ ସ୍କୁଲର ଆଜବେଷ୍ଟସ ଭାଙ୍ଗି ଯାଇଥିବାରୁ ପାଣି ଗଳି ସ୍କୁଲ କୋଠରୀ ଭିତରେ ପାଣି ଲହଡା ମାରୁଛି । ବାଧ ହୋଇ ଶ୍ରେଣୀ କୋଠରୀ ନଥିବାରୁ ଛାତ୍ର ଛାତ୍ରୀ ମାନେ ଇଟା ଉପରେ ବସି ପାଠ ପଢୁଛନ୍ତି । ଏଭଳି ସମସ୍ୟା କୁ ନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ୮୮ଜଣ ଛାତ୍ରଛାତ୍ରୀ ଅଧୟନ କରୁଥିବା ଏହି ବିଦ୍ୟାଳୟ ରେ ଗୋଟିଏ ଶ୍ରେଣୀ କୋଠରୀ ଏବଂ ଆଉ ଗୋଟିଏ ପୁରୁଣା ଭଙ୍ଗା ଆଜବେଷ୍ଟସ କୋଠରୀରେ ଚାଲିଛି ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା । ଶ୍ରେଣୀ କୋଠରୀ ଅଭାବ ରୁ ଛାତ୍ର ଛାତ୍ରୀ ମାନଙ୍କୁ ବାରଣ୍ଡା ରେ ମଧ ପାଠ ପଢାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାଧ ହେଉଛନ୍ତି । ସେହିପରି ୨୦୦୮ ମସିହାରୁ ଆରମ୍ଭ ହୋଇଥିବା ରୋଷେଇ ଘର ମଧ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି । ଜନସାଧାରଣ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କୁ ପଚାରିବାରୁ ବିନିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ବନ୍ଦ ପୁରୁଣା ଇଏସ୍‌ଆଇ ହସ୍ପିଟାଲ୍ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ

ଝାରସୁଗୁଡ଼ା : ବ୍ରଜରାଜନଗରଠାରେ ବନ୍ଦ ପଡ଼ିଥିବା ୫୦ ଶଯ୍ୟା ବିଶିଷ୍ଟ ବହୁ ପୁରାତନ ଇଏସ୍‌ଆଇ ହସ୍ପିଟାଲ ପୁନଃ କାର୍ଯ୍ୟକ୍ଷମ କରାଇବାକୁ ବିଧାୟିକା ଅଳକା ମହାନ୍ତି ପ୍ରୟାସ ଆରମ୍ଭ କରିଛନ୍ତି । ପୂର୍ବରୁ ତାଙ୍କ ସ୍ୱର୍ଗତ ସ୍ୱାମୀ ବ୍ରଜରାଜନଗର ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି ସରକାରଙ୍କ ନିକଟରେ ଦାବି କରିଥିଲେ । ବନ୍ଦ ପଡ଼ିଥିବା ଇଏସ୍‌ଆଇ ହସ୍ପିଟାଲ୍‌କୁ ବିଧାୟିକା ଅଳକା ମହାନ୍ତି, ଇଏସ୍‌ଆଇ ନିର୍ଦ୍ଦେଶକଙ୍କ ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ଇଏସ୍‌ଆଇ ଆଞ୍ଚଳିକ ନିଗମ ନିର୍ଦ୍ଦେଶକ ପାର୍ଥ ସାରଥୀ ପଣ୍ଡା, ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ବ୍ୟକ୍ତିଗତ ସଚିବ ଶମ୍ଭୁନାଥ ନନ୍ଦୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ । ବିଧାୟିକା ଅଧିକାରୀଙ୍କୁ ଯଥାଶୀଘ୍ର ଏହି ଇଏସ୍‌ଆଇ ହସ୍ପିଟାଲ କାର୍ଯ୍ୟକ୍ଷମ କରାଇବାକୁ କହିଥିଲେ । ବ୍ରଜରାଜନଗର ବିଜୁ ଜନତା ଟାଉନ ସଭାପତି



ରାଧାକାନ୍ତ ପ୍ରଧାନ, ପୂର୍ବତନ ନଗରପାଳ ବିଜୟ ପାଣି, ସ୍ଥାନୀୟ ବାସିନ୍ଦା ଅମୟ ତ୍ରିପାଠୀ, ନୃପ ମାଣ୍ଡିଆ, ନଳିନୀ ପ୍ରଧାନ, ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଓଡ଼ିଶାର ୧୯ ଜିଲ୍ଲାକୁ ଭାରତ ସରକାରଙ୍କ ଦ୍ୱାରା 'ଭୂମି ସମ୍ମାନ' ପ୍ରଦାନ





ନୂଆଦିଲ୍ଲୀ: ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ଓଡ଼ିଶାର ୧୯ ଟି ଜିଲ୍ଲାକୁ ସେମାନଙ୍କର ଶ୍ରେଷ୍ଠ ପାରଦର୍ଶିତା ପାଇଁ 'ଭୂମି ସମ୍ମାନ ପ୍ଲାଟିନାମ ପ୍ରମାଣ ପତ୍ର' ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂପୃକ୍ତ ଜିଲ୍ଲାର ଅଧିକାରୀମାନଙ୍କୁ ଏହି ପୁରସ୍କାର ଦେଇଛନ୍ତି । ଭୂମି ସଂସ୍କାର କ୍ଷେତ୍ରରେ ଭାରତର ଶ୍ରେଷ୍ଠ ୬୮ ଜିଲ୍ଲାକୁ ଭୂମି ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି । ସମ୍ବଲପୁର ଜିଲ୍ଲା ପାଇଁ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ରାଷ୍ଟ୍ରପତିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହାସହ କୁଚିଣ୍ଡା ଉପଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଯୁଯୁମୁରା ତହସିଲଦାର ଅଭିଷେକ ସାହୁ ଉପସ୍ଥିତ ଥିଲେ । ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ଓ ଡ଼େପୁଟି କଲେକ୍ଟର ସଞ୍ଜୀବ ମେହେର ଉପସ୍ଥିତ ହୋଇ ରାଷ୍ଟ୍ରପତିଙ୍କଠାରୁ ବରଗଡ଼ ଜିଲ୍ଲା ପାଇଁ ଏହି ପୁରସ୍କାର ଗ୍ରହଣ କରିଥିଲେ ।

ସେହିପରି ଦେବଗଡ଼ ଜିଲ୍ଲା ପାଇଁ ପୂର୍ବତନ ବାରକୋଟ ତହସିଲଦାର ତଥା ବର୍ତ୍ତମାନର ଡେପୁଟୀ କଲେକ୍ଟର ରୁବି ବେହେରା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଠାରୁ ପ୍ରଶଂସାପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ୟତମ ଡେପୁଟୀ କଲେକ୍ଟର ସପନ କୁମାର ସାହୁ ଓ ଅତିରିକ୍ତ ତହସିଲଦାର ବବ୍ରୁବାହନ ଦତ୍ତ ଉପସ୍ଥିତ ରହିଥିଲେ ।

## ବାମରାରେ ଗ୍ରୀଡ଼ ସବଷ୍ଟେସନ ଲୋକାର୍ପିତ



ସମ୍ବଲପୁର : ବାମରା ଠାରେ ଓଡିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ଦ୍ୱାରା ନବନିର୍ମିତ ୨୨୦/୧୩୨/୩୩ କେଭି ଗ୍ରୀଡ ସବଷ୍ଟେସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଲୋକାର୍ପଣ କରିଛନ୍ତି । ଓପିଟିସିଏଲର ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋରଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଏଡିଏମ୍ ପ୍ରଦୀପ ସାହୁ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପୋ ଓ ଅନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ । ୧୨୯ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସବଷ୍ଟେସନରୁ ବାମରା, ଗରପୋଷ ଓ ପଡୋଶୀ ଝାରସୁଗୁଡ଼ା ଜିଲାର କିଛି ଅଞ୍ଚଳରେ ଜଳସେଚନ, ଲଘୁ ଓ ବୃହତ ଉଦ୍ୟୋଗୀ ଲାଭାନ୍ୱିତ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଏସଡ଼ିପିଓ ରାଜକିଶୋର ମିଶ୍ର, ତହସିଲଦାର ଦିଲୀପ ପ୍ରଧାନ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ସବଷ୍ଟେସନ ମ୍ୟାନେଜର ଆଶିଷ ପଟେଲ, ଘନଶ୍ୟାମ ଦାସ ଓ ଅନ୍ୟ ମାନେ ସହଯୋଗ କରିଥିଲେ ।

## ୧୩୨/୩୩ କେଭି ଗ୍ରୀଡ଼୍ ସବଷ୍ଟେଶନ ଲୋକାର୍ପିତ

ବରଗଡ଼: ଭଟଲି ବ୍ଲକ ଅନ୍ତର୍ଗତ ହାତୀଶର ପଞ୍ଚାୟତର ଚୋରଗ୍ରୀଣ୍ଡୋଲାରେ ୧୩୨/୩୩ କେ.ଭି କ୍ଷମତା ସମ୍ପନ୍ନ ଗ୍ରୀଡ଼୍ ସବଷ୍ଟେଶନ ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ । ଏହି ଅବସରରେ ଭଟଲି ଗ୍ରୀଣ୍ଡୋଲା ଠାରେ ଆୟୋଜିତ ସଭାରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଜିଲ୍ଲାପାଳ ମୋନିଷା ବାନାର୍ଜୀ, ଓପିଟିସିଏଲର ବରିଷ୍ଠ ସାଧାରଣ ପରିଚାଳକ ସନ୍ତୋଷ କୁମାର ବନଛୋର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ପାଇଁ ୧୦ ଜଣ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପାୱାର ଗ୍ରୀଡ଼୍ ଦ୍ୱାରା ଜିଲ୍ଲାର ୩ ବ୍ଲକ ଅର୍ଥାତ୍ ସୋହେଲା, ଭଟଲି ଏବଂ ଅମ୍ବାଭୋନା ବ୍ଲକର ୧୨ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ । ଏହି ପ୍ରକଳ୍ପରେ ପ୍ରାୟ ୪୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଥିବା ବେଳେ ଉକ୍ତ ପ୍ରକଳ୍ପରୁ ଜିଲ୍ଲାର ଚାଷୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ବିଦ୍ୟୁତ୍ ସେବା ମିଳି ପାରିବ ।



## ବେଜବରୁଆଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପାଇଁ ଭୂମିପୂଜନ





ସମ୍ବଲପୁର : ନେଲସନ୍ ମାଣ୍ଡେଲା ଛକରେ ଥିବା ପ୍ରସିଦ୍ଧ ଅହମିଆ କବି ଲକ୍ଷ୍ମୀନାଥ ବେଜବରୁଆଙ୍କ ସ୍ମୃତିପୀଠ ପରିସରରେ କବି ବେଜବରୁଆଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତ ସ୍ଥାପନ ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଓଡିଶାର ଓଡିଆ ଭାଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଆସାମର ଶକ୍ତି, ସଂସ୍କୃତି, ପର୍ଯ୍ୟଟନ, କ୍ରୀଡା, ଯୁବ ବ୍ୟାପାର ମନ୍ତ୍ରୀ ବିମଲ ବୋରା, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାଶ, ଏଡିଏମ ଅଜାମ୍ବର ମହାନ୍ତି, ଆସାମର ସଂସ୍କୃତି ବିଭାଗ ନିର୍ଦ୍ଦେଶିକା ମିନାକ୍ଷୀ ଦାଶନାଥ, ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ସ୍ମୃତି ରକ୍ଷା କମିଟି ଆସାମର ସଭାପତି ପ୍ରଦ୍ୟୋତ କୁମାର ଚୌଧୁରୀ, ସଂପାଦକ ରଣ୍ଟୁ ଡେକା ଏବଂ ସମ୍ବଲପୁରର ଆବାହକ ଦୀପକ କୁମାର ପଣ୍ଡା ଯୋଗଦେଇଥିଲେ । ଉଲ୍ଲେଖଯୋଗ୍ୟ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରତିମୂର୍ତ୍ତି ପାଇଁ ୫୦ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଏଥିରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ସାରିଲାଣି । ଓଡିଶାର ବିଶିଷ୍ଟ ସ୍ଥପତି ଜୟନ୍ତ ଦାଶ ମୂର୍ତ୍ତି ନିର୍ମାଣ କରିବେ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁଞ୍ଜିପଥର ଗ୍ରୀଡ଼୍ ଲୋକାର୍ପିତ



ଝାରସୁଗୁଡ଼ା: ଲଖନପୁର ବ୍ଲକର ପୁଞ୍ଜି ପଥର ଠାରେ ଓପିଟିସିଏଲ ମାଧ୍ୟମରେ ଏକ ୧୩୨/୩୩ ଗ୍ରୀଡକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସିଂ ଜରିଆରେ ଲୋକାର୍ପଣ କରିଛନ୍ତି । ଏହି ଗ୍ରୀଡ ହେବାଦ୍ୱାରା ଲଖନପୁର ବ୍ଲକର ପାଖାପାଖି ୨୬ହଜାରରୁ ଅଧିକ ଉପଭୋକ୍ତା ନିରବଛିନ୍ନ ଗୁଣାତ୍ମକ ବିଦ୍ୟୁତ ସେବା ପାଇପାରିବେ । ଏହି ଗ୍ରୀଡ୍ ସବ୍-ଷ୍ଟେସନରୁ ଲଖନପୁର, ପଞ୍ଚଗାଁ, ବନ୍ଧବାହାଲ, ମୁଚବାହାଲ ଆଦି ସ୍ଥାନକୁ ଟିପିଡବ୍ଲୁଓଡିଏଲର ୩୩/୧୧ କେଭି ସବ୍-ଷ୍ଟେସନ ବିଦ୍ୟୁତ୍ ସଂଯୋଗୀକରଣ ସହ ଧୁଲୁଣ୍ଡା ସ୍ଥିତ ନିର୍ମାଣାଧୀନ ବୃହତ ଉଠା ଜଳ ସେଚନ ପ୍ରକଳ୍ପକୁ ମଧ ବିଦ୍ୟୁତ୍ ସଂଯୋଗ ହୋଇ ପାରିବ । ଫଳରେ ଅଗାମୀ ଦିନରେ ଅଞ୍ଚଳବାସୀ ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇ ପାରିବେ । ଲୋ ଭୋଲଟ୍ଟେଜ୍ ସମସ୍ୟା ଦୂରହେବ । କୃଷି କ୍ଷେତ୍ର ଓ କୃଷକଙ୍କ ବିକାଶ ସମ୍ଭବ ହେବା ସହ ଉପଭୋକ୍ତାମାନେ ଉପକୃତ ହୋଇପାରିବେ । ଲଖନପୁର ବ୍ଲକ୍ର ୩୩ଟି ପଞ୍ଚାୟତର ବାସିନ୍ଦା ପୂର୍ବରୁ ବ୍ରଜରାଜନଗରସ୍ଥିତ ଗ୍ରୀଡ ସବ୍ଷ୍ଟେସନରୁ ବିଦ୍ୟୁତ୍ ସେବା ପାଉଥିଲେ । ଇତି ମଧ୍ୟରେ ଲଖନପୁର ବ୍ଲକ ପାଇଁ ସିଧାସଳଖ ଭାବେ ୧୩୨/୩୩ କେଭି ଗ୍ରୀଡ୍ ସବ୍-ଷ୍ଟେସନର ଏକ ନିଜସ୍ୱ ସ୍ୱତନ୍ତ୍ର ବିଦ୍ୟୁତ୍ ସଂଯୋଗ ହୋଇପାରିଛି । ଏହି ଅବସରରେ ଆୟୋଜିତ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ, ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଲଖନପୁର ବ୍ଲକ ଅଧ୍ୟକ୍ଷା ହୃତେଶ୍ୱରି ତିହିରିଆ, ଓପିଟିସିଏଲ ବରିଷ୍ଠ ଅଧିକାରୀ ଉମାକାନ୍ତ ମିଶ୍ର, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra